ସକାଳ THE SAKALA



## ନଭେମ୍ବର ଦ୍ୱିତୀୟ ସପ୍ତାହ ହେଲାଣି

# ଶୀତର ଦେଖାନାହିଁ

ଭୁବନେଶ୍ୱର,୮।୧୧(ସମିସ): ନଭେମ୍ବର ଦ୍ୱିତୀୟ ସପ୍ତାହ ଚାଲିଲାଣି। ହେଲେ ରାଜ୍ୟରେ ଶୀତର ଦେଖା ନାହିଁ। ରାତିରେ କିଛି କିଛି ସ୍ଥାନରେ ହାଲୁକା ଥଣ୍ଡା ଅନୁଭୂତ ହେଉଛି। ମାତ୍ର ଏବେ ବି ଅଧିକାଂଶ ସ୍ଥାନରେ ରାତିରେ ପଙ୍ଖାର ଆବଶ୍ୟକତା ପଡୁଛି। ବାହାରେ ଯଦିଓ ହାଲୁକା ଶୀତ ଲାଗୁଛି କିନ୍ତୁ ଘର ଭିତରେ ଆଦୌ ଥଣ୍ଡା ଅନୁଭୂତ ହେଉ ନାହିଁ। ଅନ୍ୟପଟେ ଏହି ସ୍ଥିତି ଆହୁରି ଗୋଟିଏ ସପ୍ତାହ ଲାଗି ରହିବା ସହ ୧୫-୧୬ ତାରିଖ ବେଳକୁ କିଛି ପରିମାଣରେ ତାପମାତ୍ରା ହ୍ରାସ ହେବାର ସମ୍ଭାବନା ରହିଛି। ରାଜ୍ୟକୁ ବର୍ତ୍ତମାନ ପୂର୍ବ ଦିଗରୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ପ୍ରବାହ ରହୁଛି। ଏଥିପାଇଁ ତାପମାତ୍ରା ହ୍ରାସ ବଦଳରେ ରାତିରେ ସ୍ୱାଭାବିକ ଠାରୁ ୧ରୁ ୨ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ଅଧିକ ରହୁଛି। ନଭେମ୍ବର ତୃତୀୟ ସପ୍ତାହ ଆଡ଼କୁ ଉତ୍ତର ପଶ୍ଚିମ ଦିଗରୁ ଥଣ୍ଡା ଓ ଶୁଷ୍କ ପବନ ବିହିବା ଆରମ୍ଭ ହେବାକୁ ଥିବାରୁ ଥଣ୍ଡା ବଢ଼ିବାର ଅନୁମାନ କରାଯାଉଛି।

ଅନ୍ୟପଟେ ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିଭିନ୍ନ ପ୍ରକାର ବିଲକ୍ଷଣ ଦେଖାଯାଉଛି। ପ୍ରତି ବର୍ଷ ଶୀତର ପ୍ରକୋପ ହ୍ରାସ ହେବା ସହ ଶୀତ ଦିନ ସଂଖ୍ୟାରେ ମଧ୍ୟ ହ୍ରାସ ପାଇବାରେ ଲାଗିଛି। ଏହା ବ୍ୟତୀତ ଚଳିତ ବର୍ଷ ୨୦୨୩ ତୁଳନାରେ ଅଧିକ ଉତ୍ତପ୍ତ ହୋଇଥିବା ବେଳେ ୨୦୨୪ ସବୁଠାରୁ ଉତ୍ତପ୍ତ ବର୍ଷ ଭାବେ ପରିଗଣିତ ହେବାର ଆଶଙ୍କା ରହିଛି। ବିଶ୍ୱ ପାଣିପାଗ ସଂସ୍ଥା ପକ୍ଷରୁ ଏହି ଆକଳନ କରାଯାଉଥିବା ବେଳେ ଏହା ମଧ୍ୟ ଶୀତ ନ ହେବାର ଅନ୍ୟତମ କାରଣ ଭାବେ ଉଭା ହୋଇଛି। ଅନ୍ୟ ଏକ କାରଣ ଭାବେ ବର୍ତ୍ତମାନ ପର୍ଯ୍ୟନ୍ତ ଲା-ନିନା ସକ୍ରିୟ ହୋଇପାରୁ ନାହିଁ। ପୂର୍ବରୁ ଜାରି ରହିଥିବା ଏଲ୍-ନିନୋ ଯଦିଓ ସ୍ୱାଭାବିକ ସ୍ଥିତିକୁ ଫେରିଛି, ହେଲେ ଲା-ନିନା ଆରମ୍ଭ ହେଉ ନ ଥିବାରୁ ଶୀତର ଉପରେ ଏହାର ସକରାତ୍ମକ ପ୍ରଭାବ ପଡ଼ିପାରୁ ନ ଥିବା ଜଣାପଡ଼ିଛି। ସାଧାରଣତଃ ଉତ୍ତର ଭାରତରୁ ଓଡ଼ିଶାକୁ ଥଣ୍ଡା ପବନ ଆସିଲେ ଶୀତ ଅନୁଭୂତ ହୋଇଥାଏ। କିନ୍ତୁ ଏପର୍ଯ୍ୟନ୍ତ ଉତ୍ତର ଭାରତରୁ ରାଜ୍ୟ ମଧ୍ୟକୁ ଥଣ୍ଡା ପବନ ଆସିନାହିଁ। ଚଳିତ ବର୍ଷ ବିଶେଷ ଶୀତ ଅନୁଭୂତ ହେବ ନାହିଁ ବୋଲି ପୂର୍ବରୁ ଆଇଏମଡି ଆକଳନ କରିଛି। ନଭେମ୍ବରରେ ମଧ୍ୟ ଅପେକ୍ଷାକୃତ ଶୀତ କମ୍ ରହିବ ବୋଲି ସଂସ୍ଥା କହିଛି।

ଶୁକ୍ରବାର ୧୬.୫ ଡିଗ୍ରୀ ସହ ଦାରିଙ୍ଗବାଡ଼ିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀରେ ୧୭.୫, ଅନୁଗୁଳ ୧୮, କୋରାପୁଟ ୧୮.୧ ଓ ନବରଙ୍ଗପୁରରେ ୧୮.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

# ୫୫ ହସ୍ତଶିଳ୍ପକୁ ମିଳିଲା ବିଭାଗୀୟ ଅନୁମୋଦନ

ଭୁବନେଶ୍ୱର,୮।୧୧(ସମିସ): ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ୫୫ଟି ହସ୍ତଶିଳ୍ପକୁ ବିଭାଗୀୟ ଅନୁମୋଦନ ମିଳିଛି। ପୂର୍ବରୁ ୫୧ ଗୋଟି ହସ୍ତଶିଳ୍ପକୁ ଅନୁମୋଦନ ମିଳିଥିବା ବେଳେ ଏବେ ଏହି ତାଲିକାକୁ ସଂଶୋଧନ କରାଯାଇ ନୂତନ ଭାବେ ୫୫ ଗୋଟି ହସ୍ତଶିଳ୍ପକୁ ରାଜ୍ୟ ସରକାରଙ୍କ ମାନ୍ୟତାପ୍ରାପ୍ତ ହସ୍ତଶିଳ୍ପ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ତାଲିକାରେ କେବଳ ତୁମ୍ବା ହସ୍ତଶିଳ୍ପକୁ ନୂଆ କରି ଯୋଡ଼ା ଯାଇଥିବା ବେଳେ ପୂର୍ବରୁ ରହିଥିବା ୭ଟି ହସ୍ତଶିଳ୍ପର ନାମ ପରିବର୍ତ୍ତନ କରାଯାଇଛି। ବାଉଁଶ ଏବଂ ବେତ କାରିଗର ପୂର୍ବରୁ ଗୋଟିଏ ରହିଥିବା ବେଳେ ଏହାକୁ ଅଲଗା କରାଯାଇଛି। ସେହିପରି କେତେଗୁଡ଼ିଏ ସ୍ୱତନ୍ତ୍ର ହସ୍ତଶିଳ୍ପ ନାମ ଅଧୀନରେ ରହିଥିବା ବେଳେ ସେଗୁଡ଼ିକ ଅଲଗା ନାମକରଣ କରାଯାଇଛି। ଏହାସହ ଆର୍ଟ ଟେକ୍ସଟାଇଲ, ଆର୍ଟିଫିସିଆଲ ବୋନ୍ସାଇ, ଆର୍ଟିଷ୍ଟିକ୍ ଫୁଟ୍ ୱେୟାର, ଜେମ୍ଷ୍ଟୋନ୍ ପ୍ରୋସେସିଂ, ଉଲେନ୍ କାର୍ପେଟ ୱେଭିଂ ଏବଂ ଜରି କାମ ହସ୍ତଶିଳ୍ପକୁ ତାଲିକାରୁ ବାଦ୍ ଦିଆଯାଇଛି। ଆର୍ଟ ଲେଦର, କଷ୍ଟ୍ୟୁମ ଜୁଏଲାରୀ, ଡୁରୀ କାର୍ପେଟ, ମେଟାଲ କ୍ରାଫ୍ଟ, ପାଟ ଏବଂ ଟସର ପେଣ୍ଟିଂ, ସଫ୍ଟ ଟଏଜ୍, ଉଡେନ୍ ଇନ୍-ଲେ ଆଦିର ନାମ ପରିବର୍ତ୍ତନ କରାଯାଇଛି।

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନରେ ଅନୁମୋଦିତ ହସ୍ତଶିଳ୍ପ ମଧ୍ୟରେ ଚାନ୍ଦୁଆ, କାରୁକାର୍ଯ୍ୟପୂର୍ଣ୍ଣ ଚମଡ଼ା କାମ, କାରୁକାର୍ଯ୍ୟପୂର୍ଣ୍ଣ ସପ, କାଠ କାମ, ବାଉଁଶ କାମ, ବାଟିକ୍ ଛାପା କାମ, ଗୁଆ କାମ, କଂସା ଓ ପିତ୍ତଳ କାମ, ବେତ କାମ, ମାଟି କଣ୍ଢେଇ, କପଡ଼ା ଫୁଲ, କପଡ଼ା ତାଳିପକା କାମ, କପଡ଼ା କଣ୍ଢେଇ, ନଡ଼ିଆ ସଢ଼େଇ କାମ, କତା ହସ୍ତଶିଳ୍ପ, ଢୋକ୍ରା କାମ, ସୂଚୀ କାମ, କାଇଁଚ କାମ, ଗୋପା କାମ, ଦରି ଓ ସତରଞ୍ଜି କାମ, ହସ୍ତ ନିର୍ମିତ ଅଳଙ୍କାର, ଶିଙ୍ଗ କାମ, ଜୟଖାଡ଼ି କାମ, ଝୋଟ ନିର୍ମିତ ହସ୍ତଶିଳ୍ପ, କିଆ ପତ୍ରରୁ ପ୍ରସ୍ତୁତ ହସ୍ତଶିଳ୍ପ, ଲାଖ କାମ, ପ୍ରାକୃତିକ ତନ୍ତୁ ନିର୍ମିତ ହସ୍ତଶିଳ୍ପ, ଧାନରୁ ତିଆରି ହସ୍ତଶିଳ୍ପ, ଡଙ୍ଗରିଆ କନ୍ଧ ଚିତ୍ରକଳା, ଗଣ୍ଡ ଚିତ୍ରକଳା, ଜୁଆଙ୍ଗ ଚିତ୍ରକଳା, କୋହ୍ଲ ଚିତ୍ରକଳା, କୁଟିଆ କନ୍ଧ ଚିତ୍ରକଳା, ଲାଞ୍ଜିଆ ସଉରା ଚିତ୍ରକଳା, ଓରାଓଁ ଚିତ୍ରକଳା, ସାନ୍ତାଳ ଚିତ୍ରକଳା, ସଉରା ଚିତ୍ରକଳା, ତାଳପତ୍ର ତିଆରି ସାଜସଜ୍ଜା ଜିନିଷ, ତାଳପତ୍ର ଖୋଦେଇ, କାଗଜ ମୁଖା, ପଟ୍ଟଚିତ୍ର, ଗଛମୂଳରୁ ତିଆରି ହସ୍ତଶିଳ୍ପ, ସବାଇ ଘାସ କାମ, ଶଙ୍ଖ ଶାମୁକା କାମ, ରୁପା ତାରକସୀ କାମ, ସୋଲ କାମ, ପଥର ଖୋଦେଇ, ଛଣରୁ ତିଆରି ହସ୍ତଶିଳ୍ପ, ଟେରାକୋଟା ଏବଂ ମାଟିପାତ୍ର କାମ, ଯାତ୍ରା ପୋଷାକ, ଆଦିବାସୀ ଅଳଙ୍କାର, ତୁମ୍ବା କାମ, କାଠ ଖୋଦେଇ, ଚିତ୍ରିତ କାଠ କଣ୍ଢେଇ ଏବଂ ଲୌହ ଧାତୁ ନିର୍ମିତ ହସ୍ତଶିଳ୍ପ ଆଦି ଅନ୍ତର୍ଭୁକ୍ତ। ବିଭାଗୀୟ ପ୍ରମୁଖ ସଚିବ ଡଃ ଅରବିନ୍ଦ କୁମାର ପାଢ଼ୀ ଏହି ୫୫ଟି ହସ୍ତଶିଳ୍ପର ଅନୁମୋଦନ ପାଇଁ ସୁପାରିସ କରିଥିବା ବେଳେ ହସ୍ତଶିଳ୍ପ ନିର୍ଦ୍ଦେଶିକା ପ୍ରଣତି ଛୋଟରାୟ ଏହାର ପ୍ରସ୍ତାବ ରଖିଥିଲେ। ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଅନୁମୋଦନ କରିଛନ୍ତି।

■ ଚର୍ଚ୍ଚାରେ ଦିଲ୍ଲୀ ପୁଲିସର ତଦନ୍ତ

# ୩ ଅଭିଯୁକ୍ତକୁ ଧରାଇଦେଲା ‘ଷ୍ଟେସନ୍’ ଓ ‘ହାଣ୍ଡିକ୍ୟାପ୍’

ଭୁବନେଶ୍ୱର, ୮।୧୧ (ସମିସ): ବାଷ୍ପରୁଦ୍ଧ କଣ୍ଠରେ ପୀଡ଼ିତାଙ୍କ ମୁହଁରୁ ବାହାରିଥିବା ମାତ୍ର ଦୁଇଟି ଶବ୍ଦ ‘ଷ୍ଟେସନ୍’ ଓ ‘ହାଣ୍ଡିକ୍ୟାପ୍’କୁ ଆଧାର କରି ଦିଲ୍ଲୀ ପୁଲିସ୍ ୩ ଅଭିଯୁକ୍ତଙ୍କୁ ଧରି ପକାଇଲା। ଦିଲ୍ଲୀରେ ଓଡ଼ିଆ ଯୁବତୀଙ୍କୁ ଅପହରଣ ଓ ଗଣଦୁଷ୍କର୍ମ ମାମଲାରେ ଅପରାଧୀଙ୍କୁ ଧରିବାରେ ଦିଲ୍ଲୀ ପୁଲିସ୍‌ର କସରତ ଓ କୌଶଳ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାରେ ଗିରଫ ଅଭିଯୁକ୍ତମାନେ ହେଲେ, ପ୍ରଭୁ ମହତୋ, ମହମ୍ମଦ ସାମସୁଲ୍ ଏବଂ ପ୍ରମୋଦ ବାବୁ। ଏମାନଙ୍କ ମଧ୍ୟରୁ ସାମସୁଲ ଜଣେ ଭିନ୍ନକ୍ଷମ ହୋଇଥିବାବେଳେ ପ୍ରଭୁ ଅଟୋଚାଳକ।

**ଓଡ଼ିଆ ଯୁବତୀଙ୍କୁ ଅପହରଣ ଓ ଗଣଦୁଷ୍କର୍ମ ମାମଲା**

ପୁଲିସ୍ ସୂଚନା ମୁତାବକ, ପୀଡ଼ିତାଙ୍କୁ ଚିକିତ୍ସା ପାଇଁ ଦିଲ୍ଲୀ ଏମ୍ସ୍‌ରେ ଭର୍ତ୍ତି କରାଯାଇଥିଲା। ଏହାର ଗୋଟିଏ ଦିନ ପରେ ସେ ପ୍ରଥମ କରି ମୁହଁ ଖୋଲିଥିଲେ। ହେଲେ ତାଙ୍କର ମାନସିକ ସ୍ଥିତି ଭଲ ନଥିବାରୁ ସେ ପୁଲିସକୁ ତଦନ୍ତ ସାହାଯ୍ୟ କରିନଥିଲେ। ସେ ଏତେମାତ୍ରାରେ ଭୟଭୀତ ଥିଲେ ଯେ କାହାରିକୁ ବିଶ୍ୱାସକୁ ନେଇ ନଥିଲେ। ଏଭଳି ସ୍ଥିତିରେ ତଦନ୍ତ ଆଗକୁ ବଢ଼ାଇବା ପୁଲିସ୍ ପାଇଁ ବଡ଼ ଚ୍ୟାଲେଞ୍ଜ ଥିଲା। ତେଣୁ ତାଙ୍କ ସହ ଯୋଗାଯୋଗ କରିବାକୁ ପୁଲିସ୍ ଜଣେ ଓଡ଼ିଆ ମହିଳା ଖୋଜିଥିଲା। ଶେଷରେ ଜଣେ ଓଡ଼ିଆ ମହିଳାଙ୍କୁ ନର୍ସ ବେଶରେ ତାଙ୍କ ପାଖରେ ଛାଡ଼ିଥିଲା। ସମ୍ପୃକ୍ତ ମହିଳାଜଣଙ୍କ ବରାବର ପୀଡ଼ିତାଙ୍କ ସହ ଓଡ଼ିଆରେ କଥାବାର୍ତ୍ତା ହେବାକୁ ଚେଷ୍ଟା କରିଥିଲେ। ଏହାସହ ପୀଡ଼ିତାଜଣଙ୍କ ଜଣେ ସ୍ୱେଚ୍ଛାସେବୀ ଥିବାରୁ ଦିଲ୍ଲୀ ପୁଲିସ୍‌ର ସଙ୍ଗୀତା ନାମକ ଜଣେ ମହିଳା ଅଧିକାରୀଙ୍କୁ ସ୍ୱେଚ୍ଛାସେବୀ ବେଶରେ ତାଙ୍କ ପାଖକୁ ପଠା ଯାଇଥିଲା। ବହୁ କଷ୍ଟରେ ସଙ୍ଗୀତା ତାଙ୍କ ବିଶ୍ୱାସ ଜିତିପାରିଥିଲେ। ସଙ୍ଗୀତା ତାଙ୍କଠାରୁ ଦୁଇଟି ଶବ୍ଦ ବାହାର କରିଥିଲେ। ତାହା ହେଉଛି ‘ଷ୍ଟେସନ୍’ ଓ ‘ହାଣ୍ଡିକ୍ୟାପ୍’। ଏହା ବ୍ୟତୀତ ପୀଡ଼ିତା ତାଙ୍କୁ ଆଉ କିଛି ବି କହି ପାରିନଥିଲେ। ତେବେ ଏହି ଦୁଇଟି ଶବ୍ଦକୁ ଆଧାର କରି ପୁଲିସ୍ ତଦନ୍ତ ଆରମ୍ଭ କରିଥିଲା। ୧୦ଟି ଟିମ୍ ଗଠନ କରି ପୁଲିସ ତନାଘନା ଆରମ୍ଭ କରିଥିଲା। ଷ୍ଟେସନ୍ ପାଖରୁ ପୀଡ଼ିତା ଉଦ୍ଧାର ହୋଇଥିବାରୁ ଉକ୍ତ ଅଞ୍ଚଳର ସିସିଟିଭି ଯାଞ୍ଚ ଆରମ୍ଭ କରାଯାଇଥିଲା। ପ୍ରାୟ ୭୦୦ ସିସିଟିଭି ଯାଞ୍ଚ କରିବା ସହ ୧୫୦ ଅଟୋଚାଳକଙ୍କୁ ଜେରା କରାଯିବା ପରେ ଅକ୍ଟୋବର ୩୦ରେ ପ୍ରଥମେ ଅଟୋଚାଳକ ପ୍ରଭୁ ଧରାପଡ଼ିଥିଲା। ପରେ ତା ସୂଚନା ଆଧାରରେ ବାକି ଅଭିଯୁକ୍ତମାନଙ୍କୁ ପୁଲିସ ୪ ନଭେମ୍ବରରେ ଗିରଫ କରିଥିଲା।

ଜେରା ବେଳେ ଜଣାପଡ଼ିଥିଲା, ପୀଡ଼ିତା ପୁରୁଣା ଦିଲ୍ଲୀ ରେଳ ଷ୍ଟେସନ୍‌ରେ ବସିଥିଲେ। ତାଙ୍କୁ ପ୍ରମୋଦ ଏବଂ ତାର ଭିକାରୀ ଭିନ୍ନକ୍ଷମ ସାଙ୍ଗ ସାମସୁଲ ଦେଖିଥିଲେ। ପୀଡ଼ିତାଙ୍କୁ ସେମାନେ ମାନସିକ ଭିନ୍ନକ୍ଷମ ଭାବି ଗଣବଳାତ୍କାର କରିଥିଲେ। ପ୍ରମୋଦ ଏସବୁର ସାକ୍ଷୀ ଥିଲା, ପରେ ସେ ମଧ୍ୟ ଗଣ ବଳାତ୍କାରରେ ସାମିଲ ହୋଇଥିବା ଅଭିଯୋଗ ହୋଇଛି।

## ପ୍ରେମିକାକୁ ଗଣଦୁଷ୍କର୍ମ ଘଟଣା / ସିଲ୍ ହେଲା ‘ୱାନ୍-ଚଏସ୍ କାଫେ’

**ଫୋରେନସିକ୍ ଲ୍ୟାବ୍‌କୁ ପଠାଗଲା ଅଭିଯୁକ୍ତଙ୍କ ମୋବାଇଲ୍**

**ଚାର୍ଜସିଟ୍ ଦାଖଲ ପାଇଁ ପୁଲିସର ତତ୍ପରତା**

**ନଗ୍ନ ଭିଡିଓ ଓ ଚାଟିଂ ଉପରେ ପୁଲିସର କଡ଼ା ନଜର**




କଟକ, ୮।୧୧(ସମିସ): କଟକର ଏକ କଲେଜରେ ପାଠ ପଢ଼ୁଥିବା ଯୁକ୍ତ-୩ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ କମିସନରେଟ୍ ପୁଲିସ୍ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି। ଗିରଫ ୬ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଖୁବ୍‌ଶୀଘ୍ର ଚାର୍ଜସିଟ୍ ଦାଖଲ କରାଯିବ ବୋଲି ଆଜି ଡିସିପି ଜଗମୋହନ ମୀନା କହିଛନ୍ତି। ସେ କହିଛନ୍ତି ଯେ ଏହି ସଂଗିନ୍ ଘଟଣାକୁ ପୁଲିସ ଗୁରୁତ୍ୱର ସହ ଗ୍ରହଣ କରିଛି। ୬ଜଣ ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ୍‌କୁ ଫୋରେନ୍‌ସିକ୍ ଲ୍ୟାବ୍‌କୁ ପଠାଯାଇଛି। ନଗ୍ନ ଭିଡିଓ ଓ ଚାଟିଂକୁ ଯାଞ୍ଚ କରାଯାଉଛି। ଅଭିଯୁକ୍ତମାନେ ଛାତ୍ରୀଙ୍କ ପ୍ରତି କରିଥିବା ପାଶବିକ ଅତ୍ୟାଚାର, ତାଙ୍କ ନଗ୍ନ ଭିଡିଓ ଭାଇରାଲ୍ ଏବଂ କେଉଁଭଳି ପରିସ୍ଥିତିରେ ଏଭଳି ଘଟଣା ଘଟିଛି, ତାହାର ପ୍ରତ୍ୟେକ ଦିଗ ଉପରେ ପୁଲିସ ତଦନ୍ତ କରୁଛି ବୋଲି ସେ କହିଛନ୍ତି। ୬ଜଣ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ମିଳିବା ସହ ପୀଡ଼ିତାଙ୍କୁ ଉପଯୁକ୍ତ ନ୍ୟାୟ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ମିଳିବ ବୋଲି ଏଡିସିପି ଦେବଦତ୍ତ କର କହିଛନ୍ତି। ଅପରପକ୍ଷେ, ପୁରୀଘାଟ ଥାନା ଅନ୍ତର୍ଗତ କାଠଗଡ଼ା ସାହିରେ ରହିଥିବା ୱାନ୍-ଚଏସ୍ କାଫେକୁ ଆଜି ପୁଲିସ ସିଲ୍ କରି ଦେଇଛି। ସେଠାରୁ କିଛି ଇଲେକ୍‌ଟ୍ରୋନିକ୍ସ ଗ୍ୟାଜେଟ୍ ଜବତ କରାଯାଇଥିବା ଜଣାପଡ଼ିଛି। ଏହିଠାରେ ଯୁବତୀଙ୍କୁ ପ୍ରଥମେ ତାଙ୍କ ପୁରୁଷ ବନ୍ଧୁ ଦୁଷ୍କର୍ମ କରିଥିଲା।

ସମ୍ପୃକ୍ତ ଯୁବତୀଙ୍କ ପକ୍ଷରୁ ଗତ ୪ତାରିଖରେ ବାଦାମବାଡ଼ି ଥାନାରେ ଏତଲା ଦିଆଯିବା ପରେ ପୁଲିସ ଗତ ୫’ତାରିଖରେ ୩ଜଣଙ୍କୁ ଏବଂ ୬ ତାରିଖରେ ୩ଜଣଙ୍କୁ ଗିରଫ କରିଥିଲା। ଗତକାଲି ଘଟଣାଟି ସର୍ବସାଧାରଣରେ ପ୍ରଘଟ ହେବା ପରେ ପୁଲିସ ଆଜି ଗଣମାଧ୍ୟମ ସାମ୍ନାରେ ଘଟଣା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲା। ଅଭିଯୁକ୍ତଙ୍କ ନାଁ ପୁଲିସ ପ୍ରକାଶ କରୁନଥିବା ବେଳେ ଏକ ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ସେମାନେ ହେଲେ, ଝାଞ୍ଜିରମଙ୍ଗଳାର ଆଶୁତୋଷ, ଲକି, ଚନ୍ଦନ, ନୟାଗଡ଼ର ପିତବାସ ଓ ସୁଶିଲ ଏବଂ ବାରଙ୍ଗର ସୌମ୍ୟ।

### କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ: ଆଇନମନ୍ତ୍ରୀ

କଟକ, ୮।୧୧(ସମିସ): କଟକରେ ଘଟିଥିବା ଗଣଦୁର୍ଷ୍କମ ଘଟଣାକୁ ରାଜ୍ୟ ସରକାର ଗୁରୁତ୍ୱ ସହିତ ଗ୍ରହଣ କରିଛନ୍ତି। ଏଥିରେ ଗୃହ ବିଭାଗ ସ୍ୱଚ୍ଛତା ଅବଲମ୍ବନ କରିବା ସହିତ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। କମିସନରେଟ୍ ପୁଲିସ କୌଣସି ଟାଳଟୁଳ ନୀତି ଅବଲମ୍ବନ ନକରି ତଦନ୍ତକୁ ସ୍ୱଚ୍ଛତାର ସହିତ ଶେଷ କରିବାକୁ ଆଜି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି।

### ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ନ ହେଉ: ସୋଫିଆ

କଟକ, ୮।୧୧(ସମିସ): କଟକ ମହାନଗରର ବାଦାମବାଡ଼ି ଭଳି ଅଞ୍ଚଳରେ ଏଭଳି ଲଜ୍ଜାଜନକ ଘଟଣା ଘଟିବ, ଏହା ଅବିଶ୍ୱାସନୀୟ। ରାଜ୍ୟ ସରକାର ଏହା ଉପରେ ଧ୍ୟାନ ଦିଅନ୍ତୁ। ସମଗ୍ର ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ନହେଉ। ଉପ-ମୁଖ୍ୟମନ୍ତ୍ରୀ ହେଉଛନ୍ତି ଜଣେ ମହିଳା। ସେ ନାରୀ ସୁରକ୍ଷା ଦିଗରେ ଅଧିକ ସଚେତନ ହେବା ଜରୁରୀ। ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବରକୁ ଆଜି ବିଧାୟିକା ସୋଫିଆ ଫିର୍‌ଦୋସ କହିଛନ୍ତି।

**ବିଜ୍ଞପ୍ତି ଅନୁସାରେ ଖାଲି ସହକାରୀ ପ୍ରଫେସର ପଦ ପୂରଣ ନହେବା ମାମଲା**

# ସ୍ୱାସ୍ଥ୍ୟ ସଚିବଙ୍କ ପକ୍ଷରୁ ସତ୍ୟପାଠ ଦାଖଲ

କଟକ, ୮।୧୧(ସମିସ): ପ୍ରକାଶିତ ଦୁଇଟି ପୃଥକ୍ ପୃଥକ୍ ବିଜ୍ଞପ୍ତି ଅନୁସାରେ ମେଡିକାଲ କଲେଜ ଓ ହସପିଟାଲରେ ସବୁ ସହକାରୀ ପ୍ରଫେସର୍ ପଦ ପୂରଣ ହୋଇ ନପାରିବା ତଥା ୱେଟିଂଲିଷ୍ଟରେ ଥିବା ଆବେଦନକାରୀଙ୍କୁ ନିଯୁକ୍ତି ଦିଆନଯିବା ପ୍ରସଙ୍ଗରେ ଦାୟର ଅଦାଲତ ଅବମାନନା ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ପ୍ରସଙ୍ଗରେ ୭ବର୍ଷ ପୂର୍ବରୁ ବିଜ୍ଞପ୍ତି ଅନୁସାରେ ଖାଲି ପଦବୀ ପୂରଣ ପାଇଁ ରାଜ୍ୟ ପ୍ରଶାସନିକ ଟ୍ରିବ୍ୟୁନାଲ(ସ୍ୟାଟ)ଙ୍କ ନିର୍ଦ୍ଦେଶ ଅନୁପାଳନ ହୋଇନଥିବା ବେଳେ ସ୍ୟାଟ୍ ଉଚ୍ଛେଦ ପରେ ମାମଲା ହାଇକୋର୍ଟକୁ ସ୍ଥାନାନ୍ତର ହୋଇ ଶୁଣାଣି ହୋଇଆସୁଥିଲା। ଏହି ଅଦାଲତ ଅବମାନନା ମାମଲାରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଅଶ୍ୱଥୀ ଏସ୍. ଭର୍ଚୁଆଲରେ ହାଜର ହୋଇଥିଲେ। ଅଦାଲତଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ସମ୍ପର୍କିତ ଏକ ସତ୍ୟପାଠ ସଚିବଙ୍କ ପକ୍ଷରୁ ଦାଖଲ କରାଯାଇଥିଲା। ଏହା ଉପରେ ଆବେଦନକାରୀ ପରବର୍ତ୍ତୀ ଶୁଣାଣି ସମୟରେ ପ୍ରତିଜବାବ ରଖିବେ। ଡାକ୍ତର ଶର୍ମିଷ୍ଠା ପାଢ଼ୀଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ବି.ପି. ରାଉତରାୟ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ନଭେମ୍ବର୧୮ ପରେ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଛନ୍ତି ଅଦାଲତ।

# ପୁଣି ବିକ୍ରି ହେବ ରକ୍ତ ଚନ୍ଦନ

ଭୁବନେଶ୍ୱର,୮।୧୧(ସମିସ): ପୁଣି ରକ୍ତ ଚନ୍ଦନ ବିକିବ ଓଡ଼ିଶା। ଗତବର୍ଷ ରକ୍ତ ଚନ୍ଦନ ବା ଲାଲ୍ ଚନ୍ଦନ ବିକ୍ରିରୁ ପ୍ରାୟ ୧୫-୨୦ କୋଟି ଟଙ୍କା ଆୟ ହୋଇଥିଲା। ଏବେ ପୁଣି ଥରେ ଏକ ବଡ଼ ଧରଣର ରକ୍ତ ଚନ୍ଦନ ବିକ୍ରି କରିବା ପାଇଁ ଯୋଜନା କରିଛି ବନ ବିଭାଗ। ୨୦୧୮ ରେ ବାତ୍ୟା ତିତଲି ଯୋଗୁଁ ଗଜପତିରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏଥିରେ ଅନେକ ରକ୍ତ ଚନ୍ଦନ ଗଛ ମଧ୍ୟ ଭାଙ୍ଗିଥିଲା। ଯେଉଁଥିରୁ ବନ ବିଭାଗ ପ୍ରାୟ ୮୦୦ ଟନ୍ ରକ୍ତ ଚନ୍ଦନ ସଂଗ୍ରହ କରିଥିଲା। ତେବେ ପର୍ଯ୍ୟାୟ କ୍ରମେ ଏହି ଚନ୍ଦନ କାଠ ବିକ୍ରି କରାଯାଉଥିବା ବେଳେ ଏବେ ୭୭୧ ଟନ୍ ରକ୍ତ ଚନ୍ଦନ ବିକ୍ରି ପାଇଁ ଗ୍ଲୋବାଲ୍ ଟେଣ୍ଡର ହେବାକୁ ଯାଉଛି। ଇ-ନିଲାମ ପ୍ରକ୍ରିୟାରେ ବିକ୍ରି ହେବାକୁ ଥିବା ଏହି କାଠ ପାଇଁ ରାଜ୍ୟକୁ ପ୍ରାୟ ୪୦୦ କୋଟି ଟଙ୍କା ମିଳିବ ବୋଲି ଆଶା କରାଯାଉଛି। ଦେଶରେ ରକ୍ତ ଚନ୍ଦନ ବିକ୍ରି ଖର୍ଦ୍ଦି ଉପରେ କଟକଣା ରହିଛି। ତେବେ ଓଡ଼ିଶାରେ ଏତେମାତ୍ରାରେ ଚନ୍ଦନ କାଠ ନଷ୍ଟ ହେବାକୁ ଥିବାରୁ କେନ୍ଦ୍ର ସରକାର ରାଜ୍ୟକୁ ଏହି କାଠ ବିକ୍ରି କରିବା ପାଇଁ ସ୍ୱତନ୍ତ୍ର ଅନୁମତି ପ୍ରଦାନ କରିଛନ୍ତି। ପ୍ରଥମ ଥର ପାଇଁ ୨୦୨୩ରେ ରାଜ୍ୟ ସରକାର ରକ୍ତ ଚନ୍ଦନ ବିକ୍ରି ପାଇଁ ପଦକ୍ଷେପ ନେଇଥିଲେ ୮୦୦ ଟନ୍ ରକ୍ତ ଚନ୍ଦନକୁ ମୋଟ୍ ୩୮ ଟି ଲଟ୍‌ରେ ବିଭକ୍ତ କାରଯାଇ ଇ-ନିଲାମୀ କରାଯାଇଥିଲା। ତେବେ ପ୍ରାଥମିକ ପର୍ଯ୍ୟାୟରେ ମାତ୍ର ୩ ଟି ଲଟ୍ କାଠ ବିକ୍ରି ହୋଇଥିବା ବେଳେ ପ୍ରତି ଲଟ୍ ପାଇଁ ୩୦-୪୦ ହଜାର ଡଲାର ମିଳିଥିଲା। ଗ୍ରେଡ୍ ଏ ଭାବରେ ଚିହ୍ନଟ ହୋଇଥିବା ଲଟ୍ ସର୍ବାଧିକ ମୂଲ୍ୟ ଦିଆଯାଇଥିଲା। ଏହି ବିଡିଂ ପ୍ରକ୍ରିୟାକୁ ସୁଗମ କରିବା ପାଇଁ କେନ୍ଦ୍ର ସରକାରଙ୍କ ‘ମେଟାଲ ସ୍କ୍ରାପ୍ ଟ୍ରେଡ୍ କର୍ପୋରେସନ’ ସହିତ ରାଜ୍ୟ ସରକାରଙ୍କ ଓଡ଼ିଶା ବନ ଉନ୍ନୟନ ନିଗମ ଚୁକ୍ତି କରିଛି। ଅନ୍ତର୍ଜାତୀୟ ବଜାରରେ ରକ୍ତ ଚନ୍ଦନର ଚାହିଦା ଯଥେଷ୍ଟ ଅଧିକ ରହିଥିବାରୁ ଏହା ଟନ୍ ପିଛା ମୂଲ୍ୟ ପ୍ରାୟ ୧ କୋଟି ଟଙ୍କା ଅତିକ୍ରମ କରିବାର ସମ୍ଭାବନା ରହିଛି।

# ଲକ୍ଷାଧିକ ସଭ୍ୟ ସଂଗ୍ରହ ପାଇଁ ଅଣ୍ଟା ଭିଡ଼ିଲା ମହିଳା ବିଜେଡି



ଭୁବନେଶ୍ୱର,୮।୧୧(ସମିସ): ବଜେଡି ସରକାର ସମୟରେ ମହିଳା ସଶକ୍ତୀକରଣ ପାଇଁ ପ୍ରଣୟନ କରାଯାଇଥିବା ଅନେକ ଯୁଗୋପଯୋଗୀ ଯୋଜନା ସମଗ୍ର ଦେଶରେ ମଡେଲ ଭାବରେ ଗ୍ରହଣ କରାଯାଇଛି। ଏହି ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଆଧାର କରି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ବିଜୁ ଜନତା ଦଳର ସଭ୍ୟ ସଂଗ୍ରହ ଅଭିଯାନକୁ ବ୍ୟାପକ କରିବା ପାଇଁ ଅଣ୍ଟା ଭିଡ଼ିଛି ବିଜୁ ମହିଳା ଜନତା ଦଳ। ରାଜ୍ୟରେ ୧ ଲକ୍ଷ ସକ୍ରିୟ ମହିଳା ସଦସ୍ୟ କରିବା ନେଇ ଲକ୍ଷ୍ୟ ଧାର୍ଯ୍ୟ ହେବା ସହ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍ ଜରିଆରେ ୨୫ ଲକ୍ଷ ସାଧାରଣ ସଭ୍ୟ ସଂଗ୍ରହ ନିମନ୍ତେ ପ୍ରସ୍ତୁତି କରୁଛି ବିଜେଡିର ମହିଳା ବ୍ରିଗେଡ୍। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ରାଜ୍ୟ ଏବଂ ଜିଲ୍ଲାସ୍ତରୀୟ ସମସ୍ତ କର୍ମକର୍ତ୍ତାମାନଙ୍କୁ ନେଇ ଆଭାସୀ ମାଧ୍ୟମରେ ଏକ କର୍ମଶାଳା ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନର ଆବାହକ ଅତନୁ ସବ୍ୟସାଚୀ ନାୟକଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ନେତ୍ରୀ ଟୁକୁନି ସାହୁ ଏବଂ ବିଜୟ ନାୟକ ମତ ଉପସ୍ଥାପନ କରିଥିଲେ। ଡଃ ଲୋପାମୁଦ୍ରା ବକ୍ସିପାତ୍ର, କସ୍ତୁରୀ ମହାପାତ୍ର, ସୁମିତ୍ରା ଜେନା ଓ ଡଃ ଗୀତାଞ୍ଜଳି ବସ୍ତିଆ ପ୍ରମୁଖ ରାଜ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ୍ ଓ ବକେୟା ପ୍ରାପ୍ୟ ପ୍ରଦାନ ପାଇଁ ୯ ବର୍ଷ ବିଳମ୍ବ**

# ୨ ମାସରେ ବାର୍ଷିକ ୭% ସୁଧ ଦିଅ: ହାଇକୋର୍ଟ

କଟକ, ୮ ।୧୧(ସମିସ): ଅବସର ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜଣେ କର୍ମଚାରୀଙ୍କୁ ପେନସନ୍ ଓ ଅନ୍ୟାନ୍ୟ ବକେୟା ପ୍ରାପ୍ୟ ପ୍ରଦାନରେ ୯ ବର୍ଷ ବିଳମ୍ବ ହେବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ମାମଲାର ଶୁଣାଣି କରି ଆବେଦନକାରୀଙ୍କୁ ଉପରୋକ୍ତ ଅବଧି ପାଇଁ ବାର୍ଷିକ ୭ ପ୍ରତିଶତ ହାରରେ ସୁଧ ଅର୍ଥ ଆସନ୍ତା ଦୁଇ ମାସ ମଧ୍ୟରେ ପଇଠ କରିବା ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଚୈତନ୍ୟ ପ୍ରସାଦ ତ୍ରିପାଠୀଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ କୌଣସି ତ୍ରୁଟି ନଥିବା ବେଳେ ବିଳମ୍ବରେ ପେନସନ ଓ ଅନ୍ୟ ବକେୟା ପ୍ରାପ୍ୟ ପ୍ରଦାନ ହେତୁ ସୁଧ ବାବଦ ଅର୍ଥ ପାଇବାକୁ ଆବେଦନକାରୀ ଯୋଗ୍ୟ ବୋଲି ହାଇକୋର୍ଟ କହିଛନ୍ତି।

# ୧୦ ହଜାର ମେଗାୱାଟ୍ ବିଜୁଳି ଉତ୍ପାଦନ ପାଇଁ ପ୍ରସ୍ତୁତ ହୁଅ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୮।୧୧(ସମିସ): ୨୦୩୦ ସୁଦ୍ଧା ରାଜ୍ୟରେ ସର୍ବୋଚ୍ଚ ବିଦ୍ୟୁତ୍ ବ୍ୟବହାର (ପିକ୍ ଡିମାଣ୍ଡ) ପ୍ରାୟ ୧୦ ହଜାର ମେଗାୱାଟ୍ ରହିବ। ତେଣୁ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଏହି ବିଦ୍ୟୁତ୍ ଚାହିଦାକୁ ଆଖି ଆଗରେ ରଖି ଉତ୍ପାଦନ, ସରବରାହ ଏବଂ ବିତରଣ ବ୍ୟବସ୍ଥାର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବା ଆବଶ୍ୟକ। ଶୁକ୍ରବାର ଲୋକସେବା ଭବନରେ ରାଜ୍ୟରେ ବିଦ୍ୟୁତ୍ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ରାଜ୍ୟରେ ଥିବା ପ୍ରାୟ ୧ କୋଟି ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ନିରବଚ୍ଛିନ୍ନ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଅପରିହାର୍ଯ୍ୟ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଦ୍ରୁତ ଶିଳ୍ପାୟନ, ଆର୍ଥିକ ଅଭିବୃଦ୍ଧି ଯୋଗୁଁ ରାଜ୍ୟରେ ବିଦ୍ୟୁତ୍ ଚାହିଦା ବଢୁଛି। ତେଣୁ ସେହି ଚାହିଦା ପୂରଣ ପାଇ ନୂଆ ପ୍ରାଇମେରୀ ସବ୍ ଷ୍ଟେସନ, ନୂଆ ୩୩ କେଭି ଏବଂ ୧୧ କେଭି ଲାଇନ୍ ଆଦି ଭିତ୍ତିଭୂମିର ବିକାଶ କରାଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ।

ବର୍ତ୍ତମାନ କାର୍ଯ୍ୟକ୍ଷମ ଥିବା ୩୩/୧୧ କେଭି ଫିଡରଗୁଡ଼ିକୁ ସୁଦୃଢ଼ କରିବା ଏବଂ ଉଚ୍ଚ କ୍ଷମତାସମ୍ପନ୍ନ ଟ୍ରାନ୍ସଫର୍ମର ବସାଇବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ରାଜ୍ୟକୁ ସଦାସର୍ବଦା ଶକ୍ତି କ୍ଷେତ୍ରରେ ବଳକା ରଖିବା ପାଇଁ ପାଣ୍ଠିର ଅଭାବ ରହିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବିଦ୍ୟୁତ୍ ବିତରଣ ସମ୍ପର୍କିତ ସମସ୍ତ ଅଭିଯୋଗର ସମୟାନୁଯାୟୀ ସମାଧାନ, ଅକ୍ଷୟ ଶକ୍ତିର ବିକାଶ ଏବଂ ବ୍ୟବହାର ବୃଦ୍ଧି, ପ୍ରାକୃତିକ ବିପର୍ଯ୍ୟୟ ନିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ନିର୍ମାଣ, ବିଦ୍ୟୁତ୍ କ୍ଷେତ୍ର ପାଇଁ ଦକ୍ଷ ଏବଂ ଆବଶ୍ୟକ ମାନବ ସମ୍ବଳ ନିଯୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେବା ସହିତ ବାତ୍ୟା "ଦାନା' ପରବର୍ତ୍ତୀ ସମୟରେ ତୁରନ୍ତ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିଥିବାରୁ ଶକ୍ତି ବିଭାଗ ତଥା ସମସ୍ତ ବିତରକ କମ୍ପାନୀ ମାନଙ୍କୁ ସାଧୁବାଦ ଜଣାଇଥିଲେ। ବୈଠକରେ ଉପ ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଉପସ୍ଥିତ ଥିଲେ। ମୁଖ୍ୟ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ନିକୁଞ୍ଜ ବିହାରୀ ଧଳ, ଶକ୍ତି ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା, ଓପିଟିସିଏଲ ଓ ଓଏଚପିସିର ନିର୍ଦ୍ଦେଶକ ବୃନ୍ଦ, ସମସ୍ତ ବିତରଣ କମ୍ପାନୀର ସିଇଓମାନେ ସମୀକ୍ଷା ବୈଠକରେ ଯୋଗଦେଇ ଥିଲେ।

# ଏନ୍‌କାଉଣ୍ଟରରେ ୩ ନକ୍ସଲ ନିହତ

ମାଲକାନଗିରି, ୮ ।୧୧(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟର ବିଜାପୁର ଜିଲ୍ଲାର ଉସୁର, ବାସାଗୁଡ଼ା ଓ ପାମେଡ ଅଞ୍ଚଳକୁ ଲାଗି ରହିଥିବା ଜଙ୍ଗଲରେ ପୁଲିସ୍ ଏବଂ ନକ୍ସଲମାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଡିଆରଜି, ପୁଲିସ୍ ଓ କୋବ୍ରା ବାହିନୀ ପକ୍ଷରୁ ମିଳିତ ଭାବେ ମାଓ ଦମନ ତଲାସି ଅଭିଯାନ ଜାରି ରହିଥିବା ବେଳେ ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ନକ୍ସଲ ସୁରକ୍ଷା କର୍ମୀଙ୍କୁ ଦେଖି ଗୁଳି ଚଳାଇଥିଲେ। ପରେ ଯବାନମାନେ ମଧ୍ୟ ପାଲଟା ଆକ୍ରମଣ କରିଥିଲେ। ଏଥିରେ ୩ ନକ୍ସଲଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ବର୍ତ୍ତମାନ ମଧ୍ୟ ତଲାସି ଅଭିଯାନ ଜାରି ରହିଥିବା ନେଇ ବସ୍ତର୍ ଆଇଜି ସୁନ୍ଦରରାଜ ପି. ସୂଚନା ଦେଇଛନ୍ତି। ଯବାନଙ୍କ ଫେରିବା ପରେ ସଂପୂର୍ଣ୍ଣ ତଥ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି।



# ବଜାରରେ ବିକ୍ରି ହେଉଛି ଏମ୍ସ ଚାକିରି

**ନକଲି ଆଇ କାର୍ଡରୁ ଖୋଲିଲା ଗୁମର**
**ଠକି ନେଇଛନ୍ତି ୨୨ ଲକ୍ଷ**
**ଫସିଛନ୍ତି ୧୫ରୁ ଅଧିକ**




ଭୁବନେଶ୍ୱର, ୮।୧୧ (ସମିସ): ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ) ଭୁବନେଶ୍ୱରର ଠିକା ଚାକିରି ବଜାରରେ ବିକ୍ରି ହେଉଛି। ଟଙ୍କା ଦେଲେ ଆଟେଣ୍ଡାଣ୍ଟ, ସୁଇପର ଆଦି ଚାକିରି ସହଜରେ ମିଳିଯିବ। ଏମିତି କହି ଆଶାୟୀ ଯୁବକ ଯୁବତୀଙ୍କଠାରୁ ଲକ୍ଷାଧିକ ଟଙ୍କା ଠକେଇ ହୋଇଥିବା ଜଣାପଡ଼ିଛି। କିଛି ଆଶାୟୀ ଯୁବକ ଯୁବତୀ ଟଙ୍କା ଦେଇ ଠକାମୀରେ ପଡ଼ିବା ପରେ ଖଣ୍ଡଗିରି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଫଳରେ ଏଭଳି ଅଭିଯୋଗ ସ୍ପଷ୍ଟ ହୋଇଛି। ଏମିତିକି ଚାକିରି ଆଶାୟୀଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ନକଲି ଆଇ କାର୍ଡ ମଧ୍ୟ ଦିଆଯାଇଥିଲା। ଜଣେ ସିକ୍ୟୁରିଟି ଗାର୍ଡ ଏମ୍ସରେ ଚାକିରି କରାଇଦେବାକୁ ପ୍ରାୟ ୨୨ ଲକ୍ଷ ଟଙ୍କା ଠକି ନେଇଥିବା ଜଣାପଡ଼ିଛି। ଏହା ପଛରେ ଜଣେ ସୁପରଭାଇଜରଙ୍କ ସମ୍ପୃକ୍ତି ରହିଥିବା ମଧ୍ୟ ଅଭିଯୋଗ ହୋଇଛି। ପ୍ରାୟ ୧୫ରୁ ଅଧିକ ଚାକିରି ଆଶାୟୀ ଠକେଇର ଶିକାର ହୋଇଥିବାବେଳେ ୮ ଜଣ ଯୁବକଯୁବତୀ ଏ ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ତମାଣ୍ଡୋ ଓ ଖଣ୍ଡଗିରି ଥାନାରେ ଅଭିଯୋଗ ହେବାପରେ ତଦନ୍ତ ଆରମ୍ଭ କରିଛି ପୁଲିସ।

ଅଭିଯୋଗ ଅନୁଯାୟୀ, ବମ୍ବେ ଇଣ୍ଟେଲିଜେନ୍ସ ସିକ୍ୟୁରିଟି (ବିଆଇଏସ୍) ନାମକ ବେସରକାରୀ ସଂସ୍ଥା ଏମ୍ସ ଭୁବନେଶ୍ୱରକୁ ଆଟେଣ୍ଡାଣ୍ଟ ଓ ସୁଇପର ଯୋଗାଉଥିବା ବେଳେ ସୈନିକ ନାମକ ସଂସ୍ଥା ସିକ୍ୟୁରିଟି ଯୋଗାଇବାକୁ ଟେଣ୍ଡର ପାଇଛନ୍ତି। ପାତ୍ରପଡ଼ା ଅଞ୍ଚଳର ଶିବପ୍ରସାଦ ବିଆଇଏସ୍ ଅଧୀନରେ ଆଟେଣ୍ଡାଣ୍ଟ ଚାକିରି ପାଇଁ ଯୋଗାଯୋଗ କରୁଥିବା ବେଳେ ସୈନିକ ସଂସ୍ଥାର କାର୍ତ୍ତିକ ନାମକ ସିକ୍ୟୁରିଟି ଗାର୍ଡ ସଂସ୍ପର୍ଶରେ ଆସିଥିଲେ। କାର୍ତ୍ତିକ ତାଙ୍କୁ ଏମ୍ସରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇଥିଲା। ହେଲେ ପ୍ରତି ବଦଳରେ ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲା। ଶିବପ୍ରସାଦଙ୍କୁ ଆହୁରି ବିଶ୍ୱାସ ଦେବାକୁ ଯାଇ ବିଆଇଏସ୍ କମ୍ପାନୀର ଜଣେ ସୁପରଭାଇଜରଙ୍କ ସହିତ କଥାବାର୍ତ୍ତା କରାଇଥିଲା। ଶିବପ୍ରସାଦ ଉକ୍ତ ସୁପରଭାଇଜରଙ୍କ ପ୍ରରୋଚନାରେ କାର୍ତ୍ତିକକୁ ବିଭିନ୍ନ ପର୍ଯ୍ୟାୟରେ ମୋଟ ୨ଲକ୍ଷ ଟଙ୍କା ଦେଇଥିଲେ। ସେହିପରି ସମୀର ନାମକ ଜଣେ ଯୁବକ ମଧ୍ୟ କାର୍ତ୍ତିକକୁ ୫୦ ହଜାର ଟଙ୍କା ଦେଇଥିଲେ। ବଦଳରେ କାର୍ତ୍ତିକ ତାଙ୍କୁ ବିଆଇଏସ୍ କମ୍ପାନୀର ଆଇ କାର୍ଡ ଦେଇଥିଲା। ସମୀର ସେହି ଆଇ କାର୍ଡ ନେଇ ଇଣ୍ଟରଭ୍ୟୁ ଦେବାକୁ ଯାଇଥିବାବେଳେ ତାହା ନକଲି ବୋଲି ଜଣା ପଡ଼ିଥିଲା। ସେହିପରି ନାରାୟଣ ରଥ ତାଙ୍କ ପରିବାରର ୩ ଜଣଙ୍କର ଚାକିରି କରାଇଦେବାକୁ ୮ ଲକ୍ଷ ଟଙ୍କା ଦେଇଥିବା ବେଳେ ଚିନ୍ମୟୀ ଓ ସାଗରିକା ୮୦ ହଜାର ଲେଖାଏଁ ଦେଇଛନ୍ତି। କେବଳ ଏତିକି ନୁହେଁ, ଚାକିରି ଠକେଇ ଚେର ଆହୁରି ଲମ୍ବିଛି। କାର୍ତ୍ତିକ ଚାକିରି ଆଶାୟୀମାନଙ୍କୁ ସୁପର ଭାଇଜର ସହିତ କଥାବାର୍ତ୍ତା କରାଉଥିଲା। ଜଲଦି ଟଙ୍କା ନଦେଲେ ପଦବୀ ପୂରଣ ହୋଇଯିବ ବୋଲି ସୁପରଭାଇଜର ଜଣକ ଆଶାୟୀମାନଙ୍କୁ କହୁଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ଆଶାୟୀମାନେ ଖଣ୍ଡଗିରି ଓ ତମାଣ୍ଡୋ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ଆଧାରରେ ତଦନ୍ତ କରୁଥିବା ବେଳେ ଅଭିଯୋଗର ଫର୍ଦ୍ଦ ବଢ଼ିବ ବୋଲି ଆଶଙ୍କା କରାଯାଉଛି।

**ହଷ୍ଟେଲରୁ ଛାତ୍ରୀଙ୍କ ମୃତଦେହ ଉଦ୍ଧାର ମାମଲା**

## କାର୍ଯ୍ୟାନୁଷ୍ଠାନ ପାଇଁ ଏନ୍‌ଏଚ୍‌ଆର୍‌ସିରେ ଫେରାଦ

ଭୁବନେଶ୍ୱର, ୮।୧୧(ସମିସ): ଚନ୍ଦ୍ରଶେଖରପୁର ଥାନା ଅଧୀନରେ ଥିବା ଘରୋଇ କୋଚିଂ ସେଣ୍ଟର ହଷ୍ଟେଲରୁ ଗତକାଲି ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଘଟଣାକୁ ନେଇ ଆଜି ଏନ୍‌ଏଚ୍‌ଆରସି(ଜାତୀୟ ମାନବିକ ଅଧିକାର)ଙ୍କ ନିକଟରେ ଅଭିଯୋଗ ହୋଇଛି। ମାନବାଧିକାର କର୍ମୀ ଜୟନ୍ତ ଦାସ ଏହି ଅଭିଯୋଗ କରିଛନ୍ତି। ଘରୋଇ କୋଚିଂ ସେଣ୍ଟରରେ ଛାତ୍ରଛାତ୍ରୀ ସୁରକ୍ଷା ପାଇଁ ଯେଉଁ ଗାଇଡ୍‌ଲାଇନ୍ ପାଳନ କରାଯାଇଥିଲା ଏହି ଘଟଣାରେ ମାନି ନାହାନ୍ତି। ଛାତ୍ରୀଙ୍କୁ ମାନସିକ ଏବଂ ଶାରୀରିକ ନିର୍ଯାତନା ଦିଆଯିବା ନେଇ ଜଣାଇଥିଲେ ମଧ୍ୟ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ଯେଉଁଥି ପାଇଁ ଛାତ୍ରୀ ଜଣଙ୍କ ଏଭଳି ଆତ୍ମହତ୍ୟା ଭଳି ପଦକ୍ଷେପ ନେଇଥିଲେ। ତେଣୁ କୋଚିଂ ସେଣ୍ଟର ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ମୃତ ଛାତ୍ରୀଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦେବା ପାଇଁ ସେ ପିଟିସନ୍‌ରେ ଆୟୋଗଙ୍କୁ ନିବେଦନ କରିଛନ୍ତି।

ଛାତ୍ରୀ କଲ୍ୟାଣୀ ସାହୁ ଧଉଳି ଅଞ୍ଚଳରେ ଥିବା ଏକ କଲେଜରେ ଯୁକ୍ତ ୨ ବିଜ୍ଞାନରେ ପଢ଼ିବା ସହ ମେଡିକାଲ ପାଇଁ କୋଚିଂ ନେଉଥିଲେ। ହେଲେ ତାଙ୍କର ଫିଜିକ୍ସ ପାଠ ଭଲ ହେଉନଥିବାରୁ ସେ ଚିନ୍ତାରେ ଥିଲେ। ଯେଉଁଥି ପାଇଁ ରାତିରେ ରୁମ୍ କବାଟ ବନ୍ଦ କରି ବେକରେ ଗାମୁଛା ବାନ୍ଧି ଝୁଲିପଡ଼ିଲେ। କୋଚିଂ ସେଣ୍ଟର ବିରୋଧରେ ଗତକାଲି ସାଙ୍ଘାତିକ ଅଭିଯୋଗ ଆଣିଥିଲେ କଲ୍ୟାଣୀଙ୍କ ପରିବାର ଲୋକ। ହଷ୍ଟେଲରେ ନିର୍ଯାତନା ଦେବା ସହ ଅନ୍ୟ ଛାତ୍ରୀମାନେ ରାଗିଂ କରୁଥିଲେ। ଛାତ୍ରୀ ଜଣଙ୍କ ଏହି ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ, ହେଲେ ହଷ୍ଟେଲ କର୍ତ୍ତୃପକ୍ଷ କୌଣସ ପଦକ୍ଷେପ ନେଇ ନ ଥିଲେ ବୋଲି ପରିବାର ଲୋକେ ଅଭିଯୋଗ ଆଣିଥିଲେ। ପୁଲିସ ଏହି ଆଧାରରେ ମଧ୍ୟ ତଦନ୍ତ କରୁଛି।

**ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ**

## କୋର୍ଟରେ ଅଭିଯୁକ୍ତ ଆତ୍ମସମର୍ପଣ ପରେ ରିମାଣ୍ଡରେ ଆଣିଲା ପୁଲିସ

ଭୁବନେଶ୍ୱର, ୮।୧୧(ସମିସ): ବିବାହର ପ୍ରଲୋଭନ ଦେଇ ଜଣେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖି ଧୋକା ଦେବା ମାମଲାରେ ଅଭିଯୁକ୍ତ ସୁବାସ ନାୟକ ଫେରାର ହୋଇ ବୁଲୁଥିଲା। ତାର ଘର ବଡ଼ଗଡ଼ କେନାଲ ରୋଡ୍‌ରେ। ଶେଷରେ ସେ କୋର୍ଟରେ ଆତ୍ମସମର୍ପଣ କରିଛି। ଖବର ପାଇ ପୁଲିସ ତାଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବା ପରେ ଜେଲ ପଠାଇ ଦେଇଛି। ମିଳିଥିବା ସୂଚନା ଅନୁସାରେ, ଜଟଣୀର ଜଣେ ଅନୁସୂଚିତ ଜାତିର ଯୁବତୀଙ୍କ ସହ ସୁବାସର ଭେଟ ହୋଇଥିଲା। ଉଭୟ କିଛିଦିନ କଥାବାର୍ତ୍ତା ହେବା ପରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସୁବାସ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଏକାଧିକ ଥର ଶାରିରୀକ ସମ୍ପର୍କ ରଖିଥିଲା। ଶେଷରେ ଯୁବତୀଙ୍କୁ ଛାଡ଼ି ଦେଇଥିଲା। ତାଙ୍କ ଫୋନ୍ ଉଠାଇନଥିଲେ କି ଧରାଛୁଆଁ ଦେଇନଥିଲେ। ଏ ନେଇ ଯୁବତୀ ଜଣକ ବଡ଼ଗଡ଼ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ହେଲେ ଏହା ପୂର୍ବରୁ ସୁବାସ ଜାଣିପାରି ଫେରାର ହୋଇଯାଇଥିଲା।

## ରିଚାର୍ଜବେଳେ କଟିଗଲା ୪ ଲକ୍ଷ

ଭୁବନେଶ୍ୱର, ୮।୧୧(ସମିସ): ରିଚାର୍ଜ କରିବାକୁ ଯାଇ ସାଇବର ଠକଙ୍କ ଜାଲରେ ଫସିଛନ୍ତି ଜଣେ ଅଧ୍ୟାପିକା। କଷ୍ଟମର କେୟାର ନମ୍ବର ଖୋଜି ୪ ଲକ୍ଷ ଟଙ୍କା ହରାଇଛନ୍ତି। ଠକେଇର ଶିକାର ହୋଇଥିବା ଅଧ୍ୟାପିକା ଉଷାରାଣୀ ବେହେରା ଏ ନେଇ ଖଣ୍ଡଗିରି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ଉଷାରାଣୀ ଫୋନ୍ ପେ' ମାଧ୍ୟମରେ ମୋବାଇଲ୍ ରିଚାର୍ଜ କରୁଥିବା ବେଳେ ପଇସା ଫସି ଯାଇଥିଲା। ଏଥିଲାଗି ସେ ଗୁଗଲ୍‌ରୁ କଷ୍ଟମର କେୟାର ନମ୍ବର ଖୋଜିବା ବେଳେ ସାଇବର ଠକଙ୍କ ହାବୁଡ଼ରେ ପଡ଼ିଥିଲେ। ସାଇବର ଠକ ତାଙ୍କୁ କଷ୍ଟମର କେୟାର ଅଫିସ୍ କର୍ମଚାରୀ ବୋଲି ପରିଚୟ ଦେଇ ଟଙ୍କା ଫେରି ପାଇବାର ପ୍ରକ୍ରିୟା କହିଥିଲା। ସେହି ପ୍ରକ୍ରିୟା ଅନୁସରଣ କରି ପ୍ରଥମେ ୧ ଲକ୍ଷ ଟଙ୍କା କଟି ଯାଇଥିଲା। ବାକି ଟଙ୍କା ସୁରକ୍ଷିତ ରଖିବା ପାଇଁ ଉଷାରାଣୀ ବ୍ୟାଙ୍କ ସହିତ ଯୋଗାଯୋଗ କରିଥିଲେ। ବ୍ୟାଙ୍କ ମ୍ୟାନେଜରଙ୍କ ନିକଟରେ ଅଭିଯୋଗ କରିବା ପରେ ମଧ୍ୟ ତାଙ୍କୁ କୌଣସି ସୁଫଳ ମିଳିନଥିଲା। ଏହାପରେ ମଧ୍ୟ ୨ ଲକ୍ଷ ୯୧ ହଜାର ଟଙ୍କା ତାଙ୍କ ଆକାଉଣ୍ଟରୁ କଟି ଯାଇଥିଲା। ଏ ନେଇ ଉଷାରାଣୀ ଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି।

## ଯାତ୍ରୀଙ୍କ ଠାରୁ ଲୁଟ୍ କରି ଜେଲ୍ ଗଲା



ଭୁବନେଶ୍ୱର, ୮।୧୧ (ସମିସ): ବରମୁଣ୍ଡା ବସଷ୍ଟାଣ୍ଡରେ ଯାତ୍ରୀଙ୍କ ଠାରୁ ଲୁଟ୍ କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନୟାଗଡ଼ ଜିଲ୍ଲା ବାଣୀଗୋଛା ଥାନା ଗୋଛାବାରିର କୃଷ୍ଣଚନ୍ଦ୍ର ମଲ୍ଲିକ (୪୦)। ପୁଲିସ ସୂଚନା ଅନୁସାରେ, ଗତମାସ ୨୬ ତାରିଖ ରାତି ପ୍ରାୟ ୧୧ଟା ୩୦ ସମୟରେ ସଞ୍ଜୟ ପ୍ରଧାନ ବରମୁଣ୍ଡା ସ୍ଥିତ ନୂତନ ବସ୍ ଟର୍ମିନାଲ ନିକଟରେ ବସକୁ ଅପେକ୍ଷା କରିଥିଲେ। ସେହି ସମୟରେ କୃଷ୍ଣ ସେଠାକୁ ଆସି ତାଙ୍କୁ ଧକ୍କା ମାରି ମୋବାଇଲ ଫୋନ ଛଡ଼ାଇ ନେଇଥିଲା। ସଞ୍ଜୟ ତାକୁ କାବୁ କରିବା ପାଇଁ ବହୁ ଚେଷ୍ଟା କରିଥିବା ସତ୍ତ୍ୱେ ସେ ଅନ୍ଧାରର ସୁଯୋଗ ନେଇ ଖସି ପଳାଇଥିଲା। ଭରତପୁର ଥାନାର ଏକ ଟିମ୍ ବରମୁଣ୍ଡା ବସ ଷ୍ଟାଣ୍ଡ ନିକଟରେ ଚଢ଼ଉ କରି ଚୋରା ମୋବାଇଲ ଫୋନ ବିକ୍ରି କରୁଥିବା ବେଳେ କୃଷ୍ଣକୁ ଉଠାଇ ଆଣିଥିଲା। ତା'ଠାରୁ ୪ଟି ଚୋରା ମୋବାଇଲ ଫୋନ ଜବତ କରି ପୁଲିସ କୋର୍ଟ ଚାଲାଣ କରିଛି।

# ପୁଲିସର 'ଅନ୍‌ଲାଇନ୍' ଲାଇସେନ୍ସ ସେବା ବିଫଳ

- ଡିସିପି ଅଫିସ୍ ଦୌଡ଼ିଲେ ବି ଫଳ ମିଳୁନି
- ସିଙ୍ଗିଲ୍ ୱିଣ୍ଡୋ ମାଧ୍ୟମରେ ସମାଧାନ କରିବାକୁ ଦାବି
- ପୂର୍ବରୁ ଥାନାରୁ ସହଜରେ ମିଳୁଥିଲା ଲାଇସେନ୍ସ
- ହାତଗୁଞ୍ଜା ନଦେଲେ ଶୀଘ୍ର ହେଉନି

ଭୁବନେଶ୍ୱର, ୮।୧୧(ସମିସ)

ବାହାଘର ହେଉ ଅବା ବ୍ରତଘର। ଭସାଣି ହେଉ ଅବା ଯାନିଯାତ୍ରା। ଏଥିନିମନ୍ତେ ପୁଲିସ ଠାରୁ ଲାଇସେନ୍ସ ଆଣିବାକୁ ପଡ଼ିବ। ଯଦି ବିନା ଲାଇସେନ୍ସରେ ଏହି ସବୁ କାର୍ଯ୍ୟ କରାଯିବ ତେବେ ଏହାକୁ ବେଆଇନ୍ ଧରାଯିବ। କୌଣସି ଅଭିଯୋଗ ହେଲେ ପୁଲିସ ଚଢ଼ଉ କରି କାର୍ଯ୍ୟାନୁଷ୍ଠାନ ନେବ। ଯଦି ଡିଜେ ବାଜୁଥିବ ତେବେ ଗାଡ଼ିକୁ ପୁଲିସ ଜବତ କରିବ। ଲାଇସେନ୍ସ ପାଇଁ ଡିସିପି ଅଫିସ୍‌ରେ ସ୍ୱତନ୍ତ୍ର ସେଲ୍‌ଫ କରାଯାଇଛି। ଜଣେ ଅଧିକାରୀଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି। କିନ୍ତୁ ଏବେ କମିସନରେଟ୍ ପୁଲିସର ଏହି ଲାଇସେନ୍ସ ସେବା ବିଫଳ ହୋଇଛି। ଲୋକେ କୋର୍ଟରୁ ଡିସିପି ଅଫିସ୍ ଏବଂ ଡିସିପି ଅଫିସ୍‌ରୁ ଥାନା ଦୌଡ଼ି ଦୌଡ଼ି ନିରାଶ ହୋଇପଡୁଛନ୍ତି। କିନ୍ତୁ ଆବଶ୍ୟକ ଥିବାରୁ ଲୋକେ ବାଧ୍ୟ ହୋଇ ଦୌଡୁଛନ୍ତି। ଅନେକ ସମୟରେ ମଧ୍ୟ ଶୀଘ୍ର ଲାଇସେନ୍ସ ପାଇବା ପାଇଁ ହାତଗୁଞ୍ଜା ମଧ୍ୟ ଦେଉଥିବାର ଅଭିଯୋଗ ଆସୁଛି।

ପୁଲିସ ନିୟମ ଅନୁସାରେ, ଆଫିଡେଭିଟ୍ କରି ଆଣିବା ପରେ ଅନ୍‌ଲାଇନ୍‌ରେ ଫର୍ମ ପୂରଣ କରିବାକୁ ପଡ଼ିବ। ଅନ୍‌ଲାଇନ୍‌ରେ ଫର୍ମ ପୂରଣ କରିବା ପରେ ସେଥିରେ ରାଲି, କିମ୍ବା ବାହାଘର କରାଯାଉଛି ତାହା ଲେଖିବାକୁ ପଡ଼ିବ। ଆହୁରି ମଧ୍ୟ ବାହାଘର କିମ୍ବା ବ୍ରତଘର ହୋଇଥିଲେ ଡିଜେ କିମ୍ବା ଅନ୍ୟ ସାଉଣ୍ଡ ବଜାଇବେ, ସେନେଇ ଲେଖିବାକୁ ପଡ଼ିବ। ବ୍ୟାଣ୍ଡ ପାର୍ଟି ଯାଉଥିଲେ ସେମାନଙ୍କ ଠାରୁ ଏକ ରସିଦ୍ ଆଣିବାକୁ ପଡ଼ିବ। ଏସବୁକୁ ଅନ୍‌ଲାଇନ୍‌ରେ ଅପ୍‌ଲୋଡ୍ କରିବାକୁ ପଡ଼ିବ। ଅନ୍‌ଲାଇନ୍‌ରେ ଅପ୍‌ଲୋଡ୍ କରିବା ପରେ ହାର୍ଡ କପିକୁ ଆଣି ଡିସିପି ଅଫିସରେ ଥିବା ଲାଇସେନ୍ସ ସେଲ୍‌ଫରେ ଦାଖଲ କରିବାକୁ ପଡ଼ିବ। ସେଠାରେ ଅଧିକାରୀ ସବୁ କିଛି ଯାଞ୍ଚ କରି ଦସ୍ତଖତ କରି ଲାଇସେନ୍ସ ଦେବେ। ଏହି ଲାଇସେନ୍ସକୁ ପୁଣି ଥରେ କାର୍ଯ୍ୟକ୍ରମ ହେବାକୁଥିବା ନିକଟ ଥାନାରେ ଦାଖଲ କରିବାକୁ ପଡ଼ିବ। ଏସବୁ ଭିତରେ ଅନେ୍ ସମସ୍ୟା ଦେଖିବାକୁ ମିଳୁଛି। କେତେବେଳେ ସାଇଟ୍ ଖୋଲୁନଥିବା ବେଳେ ଆଉ କେତେବେଳେ ଲାଇସେନ୍ସ ସେଲରେ ଅଧିକାରୀ ନାହାନ୍ତି। ଯଦି ଡିସିପି ଅଫିସ୍‌ରୁ ଲାଇସେନ୍ସ ମିଳି ଯାଉଛି ତେବେ ଥାନାରେ ମଧ୍ୟ ଏହାକୁ ରଖିବା ପାଇଁ ଅଧିକାରୀ ନାହାନ୍ତି। ଲାଇସେନ୍ସର ଖଣ୍ଡେ କାଗଜ ପାଇଁ ସହରବାସୀ ନାହିଁ ନଥିବା ସମସ୍ୟାରେ ପଡୁଛନ୍ତି। ଲୋକଙ୍କୁ ସହଜରେ ଲାଇସେନ୍ସ ପାଇବା ପାଇଁ ଅନ୍‌ଲାଇନ୍ ବ୍ୟବସ୍ଥା କରାଯାଇଥିଲା। ବିଶେଷ କରି କୋଭିଡ୍ ସମୟରେ ଲୋକେ ଲାଇସେନ୍ସ ସେଲ୍‌ଫ ଆସି ଲମ୍ବା ଲାଇନ୍‌ରେ ଛିଡ଼ା ହେବା ଦ୍ୱାରା କୋଭିଡ୍ ବ୍ୟାପିବାର ଭୟ ଥିବାରୁ ଏଭଳି ବ୍ୟବସ୍ଥା ହୋଇଥିଲା। କିନ୍ତୁ ବର୍ତ୍ତମାନ ଏହି ବ୍ୟବସ୍ଥା ଫେଲ୍ ମାରିଛି। ଲୋକଙ୍କୁ ଏତେ ଆଡ଼େ ଦୌଡ଼ାଇବା ଅପେକ୍ଷା ସିଙ୍ଗିଲ୍‌ୱିଣ୍ଡୋ ମାଧ୍ୟମରେ ଲାଇସେନ୍ସ ଦେଲେ ରାଜଧାନୀବାସୀ ସୁବିଧା ପାଇ ପାରିବେ। ଏପରିକି ଅନ୍‌ଲାଇନ୍‌ରେ ଆବେଦନ କରିବା ପରେ ଯଦି ଡିସିପି ଅଫିସ୍ ନଦୌଡ଼ି ଘରେ ବସି ଅନ୍‌ଲାଇନ୍‌ରେ ମିଳିଯାଆନ୍ତା ଭଲ ହୁଅନ୍ତା। ବୋଲି ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି। ପୂର୍ବରୁ ଥାନାରୁ ଲାଇସେନ୍ସ ମିଳିବା ବ୍ୟବସ୍ଥା ଏହା ଅପେକ୍ଷା ଭଲ ଥିଲା ବୋଲି ସହରବାସୀ କହୁଛନ୍ତି। କାରଣ ଥାନାକୁ ଯାଇ ଆବେଦନ କରିବା ପରେ ତୁରନ୍ତ ଥାନା ଅଧିକାରୀ ଦେଇ ଦେଉଥିଲେ। ହେଲେ ଏବେ ଦୌଡ଼ିବାକୁ ପଡୁଥିବାରୁ ଏହି ସୁବିଧାକୁ ଲୋକେ ନାପସନ୍ଦ କରୁଛନ୍ତି।

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜନସଚେତନତା ସୃଷ୍ଟି**

## ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର 'କାସଭ' ଓ 'ନିଆଲ' ପ୍ରଦର୍ଶିତ

ଭୁବନେଶ୍ୱର, ୮।୧୧(ସମିସ): ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଏବଂ କୁସଂସ୍କାରକୁ ସମାଜରୁ ଦୂର କରିବା ପାଇଁ ଜଣେ ରୋଗୀକୁ ସ୍ନେହ, ଶ୍ରଦ୍ଧା, ଯତ୍ନ ଓ ସହଯୋଗର ଆବଶ୍ୟକତା ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟ ନେଇ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୃଷି ଭବନ ଅଡିଟୋରିୟମରେ ଦୁଇଟି ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର 'କାସଭ' ଓ 'ନିଆଲ' ପ୍ରଦର୍ଶିତ ହୋଇଯାଇଛି। ପ୍ରଖ୍ୟାତ ମାନସିକ ରୋଗ ବିଶେଷଜ୍ଞ ତଥା ଅଭିନେତା ପଦ୍ମଶ୍ରୀ ଡ. ମୋହନ ଆଗାସେ ଚଳଚ୍ଚିତ୍ର ପ୍ରଦର୍ଶନକୁ ଉଦ୍‌ଘାଟନ କରି କହିଥିଲେ ଯେ ସେ ମଣିଷ ଶରୀରକୁ ବାଦ୍ୟଯନ୍ତ୍ର ଏବଂ ମନକୁ ବାଦ୍ୟଯନ୍ତ୍ରରୁ ନିସୃତ ସଙ୍ଗୀତ ଭାବରେ ଅନେକ ସମୟରେ ଅଭିହିତ କରିଆସିଛନ୍ତି। ବାସ୍ତବରେ ମନୁଷ୍ୟ ଶରୀର ଏକ ଚିତ୍ରକରର କାନ୍‌ଭାସ୍ ଭଳି, କାରଣ ଏହା ମାଧ୍ୟମରେ ଅନ୍ତରର ଭାବନା ପ୍ରକାଶିତ ହୋଇଥାଏ। ଚଳଚ୍ଚିତ୍ର ହେଉଛି ଯୋଗାଯୋଗର ଅନ୍ୟତମ ଶ୍ରେଷ୍ଠ ମାଧ୍ୟମ, କାରଣ ଶବ୍ଦ ଅଥବା ପୁସ୍ତକ ମାଧ୍ୟମରେ ଯେଉଁ ଜଟିଳ ଭାବନାକୁ ପ୍ରକାଶ କରାଯାଇପାରେ ନାହିଁ ସେହି ସମାନ ଭାବନାକୁ ଚଳଚ୍ଚିତ୍ର ମାଧ୍ୟମରେ ବେଶ୍ ସହଜରେ ପ୍ରକାଶ କରାଯାଇପାରେ ବୋଲି ସେ ଉଲ୍ଲେଖ କରିଥିଲେ।

'କାସଭ' (କଇଁଛ) ଚଳଚ୍ଚିତ୍ରରେ ପ୍ରାକୃତିକ ସନ୍ତୁଳନ ବଜାୟ ରଖିବା ପାଇଁ ସେମାନଙ୍କର ସଂରକ୍ଷଣର ପ୍ରଭୁତ ଆବଶ୍ୟକତା ରହିଛି। ଅଣ୍ଡା ଦେବା ପାଇଁ ସମୁଦ୍ରକୂଳକୁ ଆସୁଥିବା ଏହି କଇଁଛଗୁଡ଼ିକର ସୁରକ୍ଷା ଓ ମାନସିକ ରୋଗରେ ପ୍ରପୀଡ଼ିତ ରୋଗୀମାନଙ୍କୁ ଆତ୍ମିକ ସହଯୋଗ ଏହି ଚଳଚ୍ଚିତ୍ରର ପ୍ରମୁଖ ବିଷୟବସ୍ତୁ ହୋଇଥିବାବେଳେ 'ନିଆଲ' ଲିଉକୋଡର୍ମା ନାମକ ଅଣ-ସଂକ୍ରାମକ ଚର୍ମ ରୋଗ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। କାର୍ଯ୍ୟକ୍ରମରେ ବିଭାଗର କମିସନର ତଥା ଶାସନ ସଚିବ ଅଶ୍ୱତୀ ଏସ୍, ବରିଷ୍ଠ ପ୍ରଶାସନିକ ଅଧିକାରୀ ଡ. ବୃନ୍ଦା ଡି, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ନୀଳକଣ୍ଠ ମିଶ୍ର, ପରିବାର କଲ୍ୟାଣ ନିର୍ଦ୍ଦେଶକ ଡ. ସଂଯୁକ୍ତା ସାହୁ, ସ୍ୱତନ୍ତ୍ର ଶାସନ ସଚିବ (ଜନସ୍ୱାସ୍ଥ୍ୟ) ଡ. ଜିତେନ୍ଦ୍ର ମୋହନ ପ୍ରମୁଖ ଉପସ୍ଥିତ ଥିଲେ। ପଦ୍ମଶ୍ରୀ ଡ. ଆଗାସେ, ଏମ୍‌ଏଚ୍‌ଆଇର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡ. ନୀଳମାଧବ ରଥ, ବରିଷ୍ଠ ମାନସିକ ରୋଗ ବିଶେଷଜ୍ଞ ଡା. ଉମା ପ୍ରସାଦ ବିଶ୍ୱାଳ ପ୍ରମୁଖ ଚଳଚ୍ଚିତ୍ରଗୁଡ଼ିକ ସମ୍ପର୍କରେ ଦର୍ଶକମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ।

## କବି ପ୍ରସାଦ ମିଶ୍ର ସ୍ମୃତି ପରିଷଦ ପକ୍ଷରୁ ସାରସ୍ୱତ ସନ୍ଧ୍ୟା

ଭୁବନେଶ୍ୱର, ୮।୧୧(ସମିସ): ଡାକ୍ତର କବି ପ୍ରସାଦ ମିଶ୍ର ସ୍ମୃତି ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ବ୍ରାଇଟ୍ ଷ୍ଟାର୍ ହୋଟେଲ ସମ୍ମିଳନୀ କକ୍ଷରେ ସାରସ୍ୱତ ସନ୍ଧ୍ୟା ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତାଭାବେ ସୋଆ ବିଶ୍ୱବିଦ୍ୟାଳୟର ମୁଖ୍ୟ ପରାମର୍ଶଦାତା ପ୍ରଫେସର ଡ. ଅଶୋକ କୁମାର ମହାପାତ୍ର ଯୋଗଦେଇ ବିଭିନ୍ନ ଉଦାହରଣ ମାଧ୍ୟମରେ ଆଧ୍ୟାତ୍ମିକ ଜୀବନଯାପନ ଦ୍ୱାରା ମଣିଷ ଜୀବନରେ ଶାନ୍ତି ଓ ଆନନ୍ଦ ଉପଲବ୍ଧ କରିବା ସହ ସମାଜର ମଙ୍ଗଳ ହୋଇପାରିବ ସେଥିପାଇଁ ସମସ୍ତେ ଆଧ୍ୟାତ୍ମିକ ଜୀବନଯାପନ କରିବା ଉଚିତ୍ ବୋଲି ଆହ୍ୱାନ ଦେଇଥିଲେ। ରମାକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଆଲୋଚକ ଓ ବକ୍ତାଭାବେ ଆରକ୍ଷୀ ନିରୀକ୍ଷକ ସତ୍ୟାନନ୍ଦ ପାତ୍ର ଯୋଗଦେଇଥିଲେ। ଏହି ଅବସରରେ ବାଇଧର ନାୟକଙ୍କ ରଚିତ ପିଲାଙ୍କ ମହାଭାରତ ଉନ୍ମୋଚିତ ହୋଇଥିଲା। ଆତ୍ମବିଶ୍ୱାସ, ଈଶ୍ୱର ବିଶ୍ୱାସ ଓ କଠିନ ପରିଶ୍ରମ ସଫଳତାର ଚାବିକାଠି ବୋଲି ମତ ପ୍ରକାଶ ପାଇଥିଲା। ଜଳେନ୍ଦ୍ର ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଲୋକନାଥ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

**ଦର୍ପଣ ନୃତ୍ୟାନୁଷ୍ଠାନ ପକ୍ଷରୁ 'ଅଦ୍ୱୈତ ନୃତ୍ୟ ଉତ୍ସବ'**

# ଦର୍ଶକଙ୍କୁ ବିଭୋର କଲା ପଲ୍ଲୀ ନୃତ୍ୟ

**ଗୀତା ମାହାଲିକ ଓ ଗୁରୁଶ୍ରୀ ଦୁର୍ଗା ଚରଣ ରଣବୀରଙ୍କୁ ଅଦୈତ ଜୀବନ ବ୍ୟାପି ସାଧନା ସମ୍ମାନ**

ଭୁବନେଶ୍ୱର, ୮।୧୧(ସମିସ): ଦର୍ପଣ ନୃତ୍ୟାନୁଷ୍ଠାନ ପକ୍ଷରୁ 'ଅଦ୍ୱୈତ ନୃତ୍ୟ ଉତ୍ସବ' ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନବ ଅଧିକାର ଆୟୁକ୍ତର ଯୁଗ୍ମ ସଚିବ ବିଶ୍ୱଜିତ ବର୍ମନ, ରାୟ ମହାପାତ୍ର, ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ନିତା ବହିଦାର, ମିନାକ୍ଷୀ ବେହେରା, ଭଗତ ଚରଣ ଗିରିଙ୍କ ସମେତ ଅନୁଷ୍ଠାନର ସମ୍ପାଦିକା ସୁଶ୍ରୀ ମହାନ୍ତି ଉପସ୍ଥିତ ରହିଥିଲେ। ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ସମ୍ବଲପୁରୀ ଓ ପଲ୍ଲୀ ନୃତ୍ୟ ସହିତ ଓଡ଼ିଶୀ



ଓଡ଼ିଶା ରାଜ୍ୟ ଅଧିବକ୍ତା ପରିଷଦ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ସହ ନିର୍ଦ୍ଦେଶକ ଟିବିଟି ଅନସାରି, ରାଧାମୋହନ ଫାଉଣ୍ଡେସନର ନିର୍ଦ୍ଦେଶକ ରଞ୍ଜନ ନୃତ୍ୟରେ କସ୍ତୁରୀ ତିଳକମ୍ ପରିବେଷିତ ହୋଇଥିବା ବେଳେ ଗୁରୁ ଦୁର୍ଗା ଚରଣ ରଣବୀର ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ କୌଶିକୀ ଲଲାଟିକା ପଟ୍ଟନାୟକଙ୍କ ଦ୍ୱାରା ପଲ୍ଲବୀ, ନିଳାଦ୍ରୀ ମହାରି, ଗାୟତ୍ରୀ ରଣବୀର, ମନୋଜ କୁମାର ପ୍ରଧାନ ଓ ଜଗତ୍‌କୀତ୍ ଦାସଙ୍କ ଦ୍ୱାରା ଏକକ ନୃତ୍ୟ ପରିବେଷିତ ହୋଇଥିଲା। ଦ୍ୱୈତ ନୃତ୍ୟ ଭାରତୀ ନୃତ୍ୟ ମନ୍ଦିରର କଳାକାରଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ପ୍ରଜ୍ଞାନୃତ୍ୟାୟନର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଦଳଗତ ନୃତ୍ୟ 'ନବଦୁର୍ଗା' ପରିବେଷିତ ହୋଇଥିଲା। ଏହି ଉତ୍ସବରେ ପଦ୍ମଶ୍ରୀ ଗୁରୁ ଗୀତା ମାହାଲିକଙ୍କୁ ଓ ଗୁରୁଶ୍ରୀ ଦୁର୍ଗା ଚରଣ ରଣବୀରଙ୍କୁ ଅଦୈତ ଜୀବନବ୍ୟାପି ସାଧନା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଯୁବ ନୃତ୍ୟଶିଳ୍ପୀ କୈଶିକୀ ଲଲାଟିକା ପଟ୍ଟନାୟକ, ନିଳାଦ୍ରୀ ମହାନ୍ତି, ଜଗତ୍‌ଜିତ୍ ଦାସ, ଗାୟତ୍ରୀ ରଣବୀର ଓ ମନୋଜ ପ୍ରଧାନଙ୍କୁ ଅଦ୍ୱିତୀୟ ଯୁବ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବକୁ ଡ. ମୃତ୍ୟୁଞ୍ଜୟ ରଥ ପରିଚଳାନା କରିଥିବା ବେଳେ ସ୍ୱରୂପ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ନୋଟିସ୍ : ଟିପିସିଓଡିଏଲରେ ଆଇଟି ସିଷ୍ଟମ ଉନ୍ନତୀକରଣ

କାର୍ଯ୍ୟଦକ୍ଷତା ଓ ସେବାର ଭରସାଯୋଗ୍ୟତା ବୃଦ୍ଧି ପାଇଁ ଜାରି ରହିଥିବା ଆମର ନିରନ୍ତର ଉଦ୍ୟମ କ୍ରମେ ଟିପିସିଓଡିଏଲ ଆସନ୍ତା ୧୦ ନଭେମ୍ବର ୨୦୨୪ ଠାରୁ ନିଜର ଆଇଟି ସିଷ୍ଟମର ଉନ୍ନତୀକରଣ କରିବ।

ଏହି ଉନ୍ନତୀକରଣ ସମୟରେ ଆମର ବିଭିନ୍ନ ଉପଭୋକ୍ତା ସେବା ଯେପରିକି କଲ୍ ସେଣ୍ଟର, ଅନଲାଇନ ଦେୟସଂଗ୍ରହ, କାଉଣ୍ଟର ଦେୟସଂଗ୍ରହ, ନୂଆ ସଂଯୋଗ ଆବେଦନ, ୱେବସାଇଟ୍ ଓ ମିତ୍ର ଆପ୍ ଆଦିରେ ସାମୟିକ ଧୀମାବସ୍ଥା ବା ବିଳମ୍ବିତ ଉତ୍ତର ଦେଖାଯାଇପାରେ । ଏସବୁ ବ୍ୟାଘାତକୁ ଯଥାସମ୍ଭବ କମ କରିବାକୁ ଆମେ ଉଦ୍ୟମ କରୁଛୁ ଓ ୧୬ ନଭେମ୍ବର ୨୦୨୪ ସୁଦ୍ଧା ସଂପୂର୍ଣ୍ଣ ସେବା ପର୍ଯ୍ୟାୟକ୍ରମେ ସ୍ୱାଭାବିକ ହୋଇଯିବ ।

ଆମେ ଆପଣଙ୍କ ଧୈର୍ଯ୍ୟ ଏବଂ ସହଯୋଗ କାମନା କରୁଛୁ କାରଣ ଆମେ ଅଧିକ ଭରସାଯୋଗ୍ୟ ସେବା ଅନୁଭୂତି ପାଇଁ ଆମର ଭିତ୍ତିଭୂମିରେ ଉନ୍ନତି ଆଣିବା ପାଇଁ କାର୍ଯ୍ୟ କରୁଛୁ।



## ଭୁବନେଶ୍ୱର ସିଟି

# ବିଷ ଶୋଷୁଛନ୍ତି ଶିଳ୍ପାଞ୍ଚଳବାସୀ

### ଅଳିଆ ପୋଡ଼ିର ହଟ୍‌ସ୍ପଟ୍ ମଞ୍ଚେଶ୍ୱର

### ସବୁ ଦେଖି ଆଖି ବୁଜିଦେଇଛି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ

### ବିଏମ୍‌ସିର କାର୍ଯ୍ୟାନୁଷ୍ଠାନ ନାହିଁ

### ଦୀପାବଳି ଘଟଣାରୁ କିଛି ଶିଖିଲେନି

ଭୁବନେଶ୍ୱର, ୮ ।୧୧(ସମିସ)



ଗତ ଦୀପାବଳିରେ ବାଣଫୁଟା ଯୋଗୁଁ ରାଜଧାନୀ ବାୟୁରେ ବିଷ ଭରିଗଲା। ସାଧାରଣ ଲୋକ ଘରୁ ବାହାରିବାକୁ ଭୟ କଲେ। ଅତ୍ୟଧିକ ବାଣଫୁଟା ଯୋଗୁଁ ଏଭଳି ହୋଇଥିଲେ ହେଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହାକୁ ନେଇ ସମୀକ୍ଷା କଲାନି। ନିୟମ ବାହାରେ ବାଣ ଫୁଟାଳିଙ୍କୁ ଧରିବା ପୁଲିସର ଦାୟିତ୍ୱ କହି ନିଜ ମୁଣ୍ଡରୁ ଦୋଷ ଖସାଇଦେଲା। କିନ୍ତୁ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ପୋଡ଼ା ହେଉଥିବା ଅଳିଆ କିପରି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଖିରେ ପଡୁନି, ତାହାକୁ ନେଇ ପ୍ରଶ୍ନ ଉଠିଛି। ଆଜି କି କାଲି ନୁହେଁ; ପ୍ରତିବର୍ଷ ଶୀତଦିନ ଆସିଲେ, ଶିଳ୍ପାଞ୍ଚଳଗୁଡ଼ିକ ଗଚ୍ଛିତ କରି ରଖିଥିବା ବିଷାକ୍ତ ବର୍ଜ୍ୟ(ଟକ୍ସିକ୍ ୱେଷ୍ଟ) ଖୁଲମ୍‌ଖୁଲା ନିଆଁ ଲଗାଇ ପୋଡୁଛନ୍ତି। ଏହି ନିଆଁରୁ ନିର୍ଗତ ଧୂଆଁ ବାୟୁ ମଣ୍ଡଳରେ ଘୂରି ବୁଲିବା ସହ ବାୟୁକୁ ବିଷାକ୍ତ କରୁଛି। ଫଳରେ ଆଖପାଖ ଅଞ୍ଚଳର ଲୋକମାନେ ପ୍ରଶ୍ୱାସରେ ବିଷ ଶୋଷୁଛନ୍ତି। ପ୍ରତି ବର୍ଷ ଏଭଳି ଘଟୁଥିଲେ ହେଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନି। ଏମିତିକି ଗଣମାଧ୍ୟମରେ ଏ ସଂକ୍ରାନ୍ତୀୟ ଖବର ପ୍ରକାଶ ପାଇଲା ପରେ ମଧ୍ୟ ଏହାକୁ ଅଣଦେଖା କରାଯାଉଛି।

ସାଧାରଣ ଲୋକ ଅବା ଛୋଟ ଦୋକାନୀ କେଉଁଠି ଟିକେ ଅଳିଆ ପୋଡ଼ିଦେଲେ ବିଏମ୍‌ସିର ସାନିଟାରୀ ଇନ୍‌ସପେକ୍ଟର ସେହି ସ୍ଥାନରେ ତତ୍‌କ୍ଷଣାତ୍ ପହଞ୍ଚି ଯାଉଛନ୍ତି। ସେହି ବ୍ୟକ୍ତି ବା ଅନୁଷ୍ଠାନ ଉପରେ ମୋଟା ଅଙ୍କର ଜରିମାନା କଷି ଦେଉଛନ୍ତି। ହେଲେ ଶିଳ୍ପାଞ୍ଚଳରେ ଖୁଲମ୍‌ଖୁଲା ଏଭଳି ଚାଲିଥିଲେ ହେଁ ଏହା ଉପରେ ବିଏମ୍‌ସିର କିଭଳି ନଜର ପଡୁନି, ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ୫ଶହରୁ ଊର୍ଦ୍ଧ୍ୱ ଶିଳ୍ପ ସଂସ୍ଥା ଏବେ କାର୍ଯ୍ୟକ୍ଷମ ଅଛି। ଏଥିରୁ ନିୟମିତ ବାହାରୁଥିବା ସାଧାରଣ ବର୍ଜ୍ୟକୁ ବିଏମ୍‌ସି ନେଇଯାଉଛି। ବଳକା ବିଷାକ୍ତ ବର୍ଜ୍ୟ (ଟକ୍ସିକ୍ ୱେଷ୍ଟ) ସବୁ ଶିଳ୍ପ ସଂସ୍ଥାଗୁଡ଼ିକ ନିଜ ନିଜ ଉଦ୍ୟମରେ ନଷ୍ଟ କରିବା ନେଇ ନିୟମ ରହିଛି। ହେଲେ ଅଧାରୁ ଅଧିକ ଶିଳ୍ପ ବିନା 'ୱେଷ୍ଟ ମ୍ୟାନେଜ୍‌ମେଣ୍ଟ୍ ସିଷ୍ଟମ୍'ରେ ଚାଲୁଥିବା ଅଭିଯୋଗ ହେଉଛି। ଫଳସ୍ୱରୂପ ଏହି ସଂସ୍ଥା ଖରା ଓ ବର୍ଷା ଦିନେ ବର୍ଜ୍ୟ ସବୁକୁ ଗଚ୍ଛିତ କରି ରଖୁଛନ୍ତି, ଶୀତ ଆରମ୍ଭ ହେଉହେଉ ମଞ୍ଚେଶ୍ୱରର ଶେଷ ଭାଗରେ ଥିବା ରେଳ ଧାରଣ କଡ଼ରେ ଗଦା କରି ସନ୍ଧ୍ୟାରେ ନିଆଁ ଲଗାଇ ଦେଉଛନ୍ତି। ଏହି ନିଆଁ ବିଳମ୍ବିତ ରାତି ପର୍ଯ୍ୟନ୍ତ ହୁ' ହୁ' ହୋଇ ଜଳୁଛି। ନିଆଁ ଜଳିବା ଯୋଗୁଁ ସ୍ଥାନୀୟ ଅଞ୍ଚଳ ସମ୍ପୂର୍ଣ୍ଣ ଧୂଆଁମୟ ହୋଇଯାଉଛି। ଏମିତିକି ନିକଟରେ ଥିବା ବସ୍ତି ଓ ଆବାସିକ କଲୋନି ଗୁଡ଼ିକରେ ସାଧାରଣ ଲୋକ ଅଣନିଃଶ୍ୱାସୀ ହୋଇଯାଉଛନ୍ତି। ଏହି ନିଆଁର କୋପ ଏତେ ମାତ୍ରାରେ ରହୁଛି ଯେ ଆଖାପାଖ ନିର୍ଦ୍ଦିଷ୍ଟ କିଛି ଅଞ୍ଚଳରେ ରାତିରେ ଧୂଆଁ କୁହୁଡ଼ିର ଭ୍ରମ ସୃଷ୍ଟି କରୁଛି। ବିଷାକ୍ତ ବର୍ଜ୍ୟରୁ ନିର୍ଗତ ଏହି ଧୂଆଁ ଶରୀର ପାଇଁ ବେଶ କ୍ଷତିକାରକ ବୋଲି ପରିବେଶବିତ୍‌ମାନେ କହିଛନ୍ତି। ବିଶେଷକରି ଛୋଟ ଶିଶୁ ଓ ବରିଷ୍ଠ ନାଗରିକଙ୍କୁ ଏହି ଧୂଆଁ ପ୍ରଭାବିତ କରିବା ସହ ତାଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇବ ବୋଲି କୁହାଯାଉଛି। ତେଣୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରାଯାଉଛି।

ସ୍ଥାନୀୟ ଅଞ୍ଚଳର ଜଣେ ଶ୍ରମିକ ନେତା ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ପ୍ରତିଦିନ ରାତିରେ ବର୍ଜ୍ୟରେ ଏଭଳି ନିଆଁ ଲାଗୁଛି। ସେହିଭଳି ଶିଳ୍ପାଞ୍ଚଳରୁ ବାହାରୁଥିବା ବିଷାକ୍ତ ଜଳ, ତୈଳାକ୍ତ ପଦାର୍ଥ, ମେସିନ୍ ଲୁହାର ଅବଶିଷ୍ଟାଂଶ ଆଦି ମୁଖ୍ୟ ନାଳରେ ପକାଯାଉଛି। ସମସ୍ତଙ୍କ ଅଲକ୍ଷ୍ୟରେ ରାତି ଅନ୍ଧାରରେ ଏଭଳି କରାଯାଉଥିଲେ ହେଁ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନି। କିଛି ଶିଳ୍ପ ସଂସ୍ଥା ନିୟମରୁ ବାହାରି ଅତ୍ୟଧିକ ପ୍ରଦୂଷିତ ସାମଗ୍ରୀ ବ୍ୟବହାର କରୁଛନ୍ତି, ତାଙ୍କ ଉପରେ ମଧ୍ୟ କୌଣସି ପ୍ରକାର ଅଙ୍କୁଶ ଲାଗିପାରୁନି। ଶିଳ୍ପ ସଂସ୍ଥାଗୁଡ଼ିକର କାର୍ଯ୍ୟକୁ ନିୟମିତ ପ୍ରଦୂଷଣ ବୋର୍ଡ ନିରୀକ୍ଷଣ କରିବା ନେଇ ନିୟମ ଥିଲେ ହେଁ ଏହାକୁ ଅଣଦେଖା କରାଯାଉଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଶିଳ୍ପାଞ୍ଚଳରେ ବିଧିବଦ୍ଧ ଯାଞ୍ଚ କରାଯାଉନି ବୋଲି ଏଭଳି ହେଉଥିବା ସେ ଅଭିଯୋଗ କରିଛନ୍ତି। ତେଣୁ ସରକାର ଏହା ଉପରେ ହସ୍ତକ୍ଷେପ କରନ୍ତୁ, ନଚେତ ଆଗାମୀ ଦିନରେ ଏହି ଅଞ୍ଚଳ ବାସ ଅନୁପଯୋଗୀ ହୋଇଯିବ ବୋଲି ସେ ଚେତାଇ ଦେଇଛନ୍ତି।

## ସିଭି ରମଣ ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି



ଭୁବନେଶ୍ୱର, ୮।୧୧(ସମିସ): ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ପ୍ରଫେସର ବଂଶୀଧର ମାଝୀ। ସେ ରାଉରକେଲାସ୍ଥିତ ଆରଇସିରୁ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂରେ ପିଏଚ୍‌ଡି କରିଛନ୍ତି। ଏହା ପୂର୍ବରୁ ଏନ୍‌ଆଇଟି ରାଉରକେଲାର କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗର ବରିଷ୍ଠ ପ୍ରଫେସର ଭାବରେ କାର୍ଯ୍ୟରତ ଥିଲେ। ୨୦୨୧-୨୪ ମଧ୍ୟରେ ବୁର୍ଲା ଭିସୁଟର କୁଳପତି ଏବଂ ୨୦୧୭-୨୧ ଚେନ୍ନାଇର ଆଇଆଇଟିଡିଏମ୍ କାଞ୍ଚିପୁରମ୍‌ର ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଛନ୍ତି। ତାଙ୍କର ଶିକ୍ଷାଦାନ, ଅନୁସନ୍ଧାନ ଓ ପ୍ରଶାସନରେ ୩୩ ବର୍ଷରୁ ଅଧିକ ଏବଂ ଶିଳ୍ପ କ୍ଷେତ୍ରରେ ୩ ବର୍ଷର ଅଭିଜ୍ଞତା ରହିଛି। ବିଶ୍ୱବିଦ୍ୟାଳୟର ସଭାପତି ସଞ୍ଜୀବ କୁମାର ରାଉତ ତାଙ୍କୁ ଶୁଭେଚ୍ଛା ଜଣାଇଥିବାବେଳେ ବିଶ୍ୱବିଦ୍ୟାଳୟର ଆଡ୍‌ଭାଇଜର୍ ପ୍ରଫେସର ଗଣପତି ପଣ୍ଡା, ପ୍ରଫେସର ସୁନୀଲ କୁମାର ଷଡ଼ଙ୍ଗୀ ଏବଂ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକାଙ୍କ ଉପସ୍ଥିତିରେ ସ୍ୱାଗତ କରିଛନ୍ତି।

## ରିଅଲ୍‌ଟ୍ୟୁନ୍ ପକ୍ଷରୁ 'ବର୍ଷା ଉତ୍ସବ'



ଭୁବନେଶ୍ୱର, ୮।୧୧(ସମିସ): ସାମାଜିକ ତଥା ସାଂସ୍କୃତିକ ସଂଗଠନ ରିଅଲ୍‌ଟ୍ୟୁନ୍ ପକ୍ଷରୁ 'ବର୍ଷା ଉତ୍ସବ-୨୦୨୪' ମାଷ୍ଟରକ୍ୟାଣ୍ଟିନ୍ ଛକସ୍ଥିତ ବୁଲନ୍‌ଭାଇ ସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ସଂଗ୍ରାମ କେଶରୀ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଶିଷ୍ଟ କଣ୍ଠଶିଳ୍ପୀ ଓ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଳିତ୍, ବରିଷ୍ଠ ସାମ୍ବାଦିକ ପରମେଶ୍ୱର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥିଙ୍କ ସମେତ ବିଶିଷ୍ଟ ତବଲାବାଦକ ଡ. ତାପସ ପାଲ୍, କଣ୍ଠଶିଳ୍ପୀ ଓ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ୍ ମିଶ୍ର, ଡ. ସୁଶାନ୍ତ ପାଣିଙ୍କୁ ସମ୍ମାନିତ କରାଯାଇଥିଲା। ଏହାପରେ ଲକ୍ଷ୍ମୀକାନ୍ତ ପାଳିତ, ବୈଷ୍ଣବ କୈଳାସ, ଅଭିଜିତ୍ ମିଶ୍ର, ସୁଶାନ୍ତ ପାଣି, ମିତାଲି ପଟ୍ଟନାୟକ, ସଂସ୍କାର ମହାନ୍ତି, ଆଦିତ୍ୟ ନାୟକ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ରତିକାନ୍ତ ତ୍ରିପାଠୀ ସୁଧାଂଶୁ ଜେନା, ନିକୁଞ୍ଜ ବିହାରୀ ସାମଲ ପ୍ରମୁଖ ଯୋଗଦାନ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ମନୋଜ ଦାସ ଉତ୍ସବ ପରିଚାଳନା କରିଥିବାବେଳେ ଜଗନ୍ନାଥ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅନୁଷ୍ଠାନ ପକ୍ଷରୁ ସମସ୍ତ କଳାକାରଙ୍କୁ ଉପହାର ପ୍ରଦାନ କରାଯାଇଥିଲା।

## ୭୦ ୟୁନିଟ୍ ରକ୍ତ ସଂଗ୍ରହ

ଭୁବନେଶ୍ୱର, ୮।୧୧(ସମିସ): ରକ୍ତଦାନ ଉଭୟ ରକ୍ତଦାତା ଓ ରୋଗୀଙ୍କ ପାଇଁ ହିତକର ବୋଲି ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି। ଖାରବେଳ ଭବନସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ ରକ୍ତଦାନ ଶିବିରର ଉଦ୍‌ଘାଟନ କରି ଏହା କହିଥିଲେ ଶ୍ରୀ ଖୁଣ୍ଟିଆ। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏଥିରେ ଯୋଗ ଦେଇଥିଲେ। ବିଭାଗୀୟ ଅତିରିକ୍ତ ଶାସନ ସଚିବ ଦେବେନ କୁମାର ପ୍ରଧାନ, ବରିଷ୍ଠ ବୈଜ୍ଞାନିକ ଆନନ୍ଦ ଚନ୍ଦ୍ର ସାସମଲ ପ୍ରଥମେ ରକ୍ତଦାନ କରିଥିଲେ। ଶିବିରରୁ ୭୦ ୟୁନିଟ୍‌ରୁ ଊର୍ଦ୍ଧ୍ୱ ରକ୍ତ ସଂଗ୍ରହ କରାଯାଇଥିଲା। କ୍ୟାପିଟାଲ୍ ହସ୍ପିଟାଲ ବ୍ଲଡ୍ ବ୍ୟାଙ୍କ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ବିଭାଗର ଅତିରିକ୍ତ ଶାସନ ସଚିବ ଧରମ ହାଁସଦାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ସାଂସ୍କୃତିକ ପରିଷଦର ସାଧାରଣ ସମ୍ପାଦକ ବିଭୁଦତ୍ତ ପ୍ରସାଦ ସାମନ୍ତରାୟ, ଯୁଗ୍ମ ସମ୍ପାଦିକା ସ୍ନେହା ଦାସ, ଅରବିନ୍ଦ ପରିଡ଼ାଙ୍କ ସହ ଏହି ବିଭାଗର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଯୋଗ ଦେଇଥିଲେ।

## ମଦର୍ସ ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ 'ଅଙ୍କୁରମ୍'



### ପରିବେଶ ସମ୍ପର୍କିତ ସଚେତନତାକୁ ଗୁରୁତ୍ୱ

ଭୁବନେଶ୍ୱର, ୮ ।୧୧(ସମିସ): ୟୁନିଟ୍-୧ସ୍ଥିତ ମଦର୍ସ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଉତ୍କଳ ମଣ୍ଡପ ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। 'ଅଙ୍କୁରମ୍' ଶିର୍ଷକରେ ଅନୁଷ୍ଠିତ ଏହି ଉତ୍ସବରେ ପରିବେଶ ସମ୍ପର୍କିତ ସଚେତନତାକୁ ଗୁରୁତ୍ୱ ଦିଆଯାଇଛି। ଜଳସ୍ତର ହ୍ରାସ ଓ ବିଶ୍ୱପାଇଁ ଆସୁଥିବା ଆହ୍ୱାନକୁ ମୁକାବିଲା ସମ୍ପର୍କିତ ସଚେତନତା କରିବା ପାଇଁ 'ଥିଙ୍କ ବ୍ଲୁ' ପରକଳ୍ପନା କରାଯାଇଛି। ମୁଖ୍ୟ ଅତିଥି ଭାବେ ସିବିଏସ୍‌ଇ ଭୁବନେଶ୍ୱରର ଆଞ୍ଚଳିକ ଅଧିକାରୀ ଡଃ କେ. ଶ୍ରୀନିବାସନ ଯୋଗଦେଇ ଶୈଶବ ଅବସ୍ଥାରୁ ଛାତ୍ରଛାତ୍ରୀଙ୍କ ଶିକ୍ଷାକୁ ଅଙ୍କୁରୋଦ୍‌ଗମ କରିବା ପାଇଁ ମଦର୍ସ ପବ୍ଲିକ୍ ସ୍କୁଲର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅଙ୍କୁରୋମ୍ ପରି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କର ସୃଜନଶୀଳତାକୁ ପ୍ରସ୍ଫୁଟିତ କରିବା ସହ ଅନନ୍ୟ ପରିଚୟ ପ୍ରଦାନ କରିଥାଏ ବୋଲି ସେ କହିଛନ୍ତି। ସ୍କୁଲର ପ୍ରିନ୍ସିପାଲ ତଥା ମେଣ୍ଟର ପୋଲି ପଟ୍ଟନାୟକ ସ୍କୁଲର ବାର୍ଷିକ ରିପୋର୍ଟ ଉପସ୍ଥାପନ କରି ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନ ଓ କର୍ମଚାରୀଙ୍କ କର୍ତ୍ତବ୍ୟନିଷ୍ଠା ମନୋଭାବକୁ ପ୍ରଶଂସା କରିଛନ୍ତି। ଭାଇସ୍ ପ୍ରିନ୍ସିପାଲ ଆଶା ଟିଆର୍, ନିର୍ଦ୍ଦେଶକ ଶ୍ରୀଜିତ ପଟ୍ଟନାୟକ, ପରିଚାଳନା ନିର୍ଦ୍ଦେଶକ ମିନତୀ ସାବତ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ଆଇଏମ୍‌ଏମ୍‌ଟି ନିର୍ଦ୍ଦେଶକ ଡଃ ରାମାନୁଜ ନାରାୟଣ, ସ୍କୁଲ୍ ଅଫ୍ ସଷ୍ଟେନେବିଲିଟିର ଡିନ୍ ଡଃ ସୁତପା ପତି, ଡଃ ତନ୍ମୟ ଖୁଣ୍ଟିଆ, ମିଟିଓରୋଲୋଜିକାଲ ସେଣ୍ଟର ନିର୍ଦ୍ଦେଶକ ଡଃ ମନୋରମା ମହାନ୍ତି, ନନ୍ଦନକାନନ ଜୁଲୋଜିକାଲ ପାର୍କର ଉପ ନିର୍ଦ୍ଦେଶକ ଡଃ ଏନ୍ ସନଥ କୁମାର, ସ୍କୁଲର ପୂର୍ବତନ ଭାଇସ୍ ପ୍ରିନ୍ସିପାଲ ଦୁର୍ଗା ନାୟକଙ୍କ ସମେତ ବହୁ ଅତିଥି ଯୋଗଦେଇଥିବାବେଳେ ଏକାଡେମିକ୍ ସୁପରଭାଇଜର ଅମ୍ରିତା ଚୌଧୁରୀ ଓ ଏକପର୍ଣ୍ଣା ଚାଟାର୍ଜୀ, ପ୍ରଧାନ ଶିକ୍ଷୟତ୍ରୀ ସନ୍ତୋଷୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶତପ୍ରତିଶତ ଉପସ୍ଥାନ ଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ସ୍କୁଲର ସେକ୍ରେଟାରୀ ଅପରାଜିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ସମାଜସେବୀଙ୍କ ମୃତ୍ୟୁ ଘଟଣାରେ ନୂଆମୋଡ଼

## ଦେବୀଦତ୍ତଙ୍କ ମୃତ୍ୟୁ ପୂର୍ବର ଭିଡିଓରେ 'ବିଡିଓ'



ଭୁବନେଶ୍ୱର/କାମାକ୍ଷାନଗର, ୮ ।୧୧(ସମିସ): କାମାକ୍ଷାନଗରର ଯୁବ ସମାଜସେବୀ ତଥା ପ୍ରୋଗ୍ରାମ ଆରେଞ୍ଜର ଦେବୀଦତ୍ତ ସତ୍ୟସ୍ୱରୂପ ମହାପାତ୍ରଙ୍କ ମୃତ୍ୟୁକୁ ପ୍ରାୟ ୨୦ ଦିନ ବିତି ଗଲାଣି। ଭୁବନେଶ୍ୱର ଭରତପୁର ଥାନା ଅଧୀନ ଏକ ହୋଟେଲରୁ ତାଙ୍କ ଝୁଲନ୍ତା ମୃତଦେହ ସନ୍ଦେହଜନକ ଭାବେ ଉଦ୍ଧାର ହୋଇଥିବା ବେଳେ ସେ ଆତ୍ମହତ୍ୟା କରିବାକୁ ନେଇ ସାରା ସହରରେ ଚର୍ଚ୍ଚା ହୋଇଥିଲା। ମାତ୍ର ଶୁକ୍ରବାର ଦେବୀଦତ୍ତଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଭିଡିଓ ଭାଇରାଲ ହେବା ପରେ ଦେବୀଦତ୍ତଙ୍କ ମୃତ୍ୟୁ ଘଟଣା ନେଇଛି ନୂଆମେଡ଼। ଏହି ଭିଡିଓରେ ଦେବୀଦତ୍ତ କାମାକ୍ଷାନଗର ବିଡିଓଙ୍କ ନାଁ ନେଇ କେତେଗୁଡ଼ିଏ ମନ୍ତବ୍ୟ ରଖିଛନ୍ତି। ବ୍ଲକ ଅଧୀନରେ ସେ ଅନେକ କାର୍ଯ୍ୟକ୍ରମର ଫଟୋଗ୍ରାଫି ଓ ଭିଡିଓଗ୍ରାଫିଠାରୁ ଆରମ୍ଭ କରି ମଞ୍ଚ ସାଜସଜ୍ଜା କରିଥିବା ବେଳେ ବିଡିଓଙ୍କ ନାଁ ନେଇ ଟଙ୍କା ବାକିଥିବା କହିଛନ୍ତି। ପ୍ରାୟ ୫ଲକ୍ଷ ଟଙ୍କା ଦେବୀଦତ୍ତ କାମ ବାବଦ ବ୍ଲକରୁ ପାଇବାକୁ ଥିବା କହିଛନ୍ତି। ସେ ଅନେକ ସମୟରେ ବିଡିଓ ଅବିନାଶ ପାଣ୍ଡିଆଙ୍କୁ ବକେୟା ଅର୍ଥ ପାଇଁ କହିଥିଲେ। ଟଙ୍କା ନ ମିଳିଲେ ତାଙ୍କର ଯାହା ହେବ ସେଥିପାଇଁ ବିଡିଓ ପାଣ୍ଡିଆ ଦାୟୀ ରହିବେ ବୋଲି ଦେବୀଦତ୍ତ ଭିଡିଓରେ କହୁଥିବା ଦେଖାଯାଇଛି। ଏହି ଭିଡିଓ ପଦାକୁ ଆସିବା ପରେ ଦେବୀଦତ୍ତଙ୍କ ମୃତ୍ୟୁ ଘଟଣା ଏବେ ଜଟିଳତା ଆଡ଼କୁ ଆଗଉଛି।

ଅନ୍ୟପଟେ ଏହି ଭିଡିଓକୁ ନେଇ ବିଡିଓ ମଧ୍ୟ ମୁହଁ ଖୋଲିଛନ୍ତି। ଦେବୀଦତ୍ତଙ୍କୁ ପ୍ରାୟ ୨.୫ ଲକ୍ଷ ଟଙ୍କା ବ୍ଲକ ତରଫରୁ ଦିଆଯାଇଥିବା ବେଳେ ଅନେକ କାମ ପାଇଁ ତାଙ୍କୁ ଅଗ୍ରୀମ ମଧ୍ୟ ଦିଆଯାଇଥିବା ବିଡିଓ କହିଛନ୍ତି। ସରକାରୀ ଅର୍ଥ ନ ଥିବାରୁ ଦେବୀଦତ୍ତଙ୍କୁ ବ୍ଲକ ତରଫରୁ ଆଉ ୩୦ ହଜାର ଟଙ୍କା ଦିଆଯିବାକୁ ବାକି ଥିବାବେଳେ କାମାକ୍ଷାନଗର ମହୋତ୍ସବ ପାଇଁ ସେ ପ୍ରାୟ ୮୦ ହଜାର ଟଙ୍କା ପାଇବାକୁ ଥିବା ବିଡିଓ କହିଛନ୍ତି। କାମାକ୍ଷାନଗର ମହୋତ୍ସବ ବିଭିନ୍ନ ସିଏସଆର ପାଣ୍ଠିରୁ ହେଉଥିବା ବେଳେ ଏଥିରେ ସରକାରୀ ଟଙ୍କା ଦିଆଯାଇ ପାରିବ ନାହିଁ। ତେଣୁ ଦେବୀଦତ୍ତଙ୍କୁ ସରକାରୀ ସ୍ତରରେ ଟଙ୍କା ଆସିଲେ ଦେବା ପାଇଁ ଆମେ ପ୍ରସ୍ତୁତ ଥିଲୁ। ଏ ଘଟଣାକୁ ନେଇ ପୁଲିସ ଯାହା ବି ତଦନ୍ତ କରିବ ସେଥିପାଇଁ ମୁଁ ପ୍ରସ୍ତୁତ ଥିବା ନେଇ ବିଡିଓ ପାଣ୍ଡିଆ ପ୍ରକାଶ କରିଛନ୍ତି। ଭାଇରଲ ଭିଡିଓ ଓ ବିଡିଓଙ୍କ ବୟାନକୁ ନେଇ ଦେବୀଦତ୍ତ ମୃତ୍ୟୁ କାହାଣୀ ଏବେ ରୋଚକ ମୋଡ଼ ନେଉଥିବା ବେଳେ ଦେବୀଦତ୍ତଙ୍କ ଡାଏରୀ ଆଗାମୀ ଦିନରେ ମୃତ୍ୟୁ ରହସ୍ୟ ଖୋଲିବ ବୋଲି ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।

## କିଟ୍ ମହିଳା ଭଲିବଲ୍ ଦଳକୁ ସର୍ବଭାରତୀୟ ଯୋଗ୍ୟତା

ଭୁବନେଶ୍ୱର, ୮ ।୧୧ (ସମିସ): କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଓ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ସହଯୋଗରେ ଏଠାରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ୍ ଚାମ୍ପିଅନସିପ୍ର ୩ୟ ଦିବସ ଖେଳ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଦିବସରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ଘରୋଇ କିଟ୍ ୩-୦ ସେଟ୍ରେ ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟକୁ ଏବଂ ଆଦାମସ୍ ବିଶ୍ୱବିଦ୍ୟାଳୟ ୩-୦ ସେଟ୍ରେ ୟୁନିଭର୍ସିଟି ଅଫ୍ ବର୍ଦ୍ଧମାନକୁ ହରାଇ ସେମିଫାଇନାଲକୁ ଉଠିଛି। କିଟ୍ ଓ ବର୍ଦ୍ଧମାନ ସେମିଫାଇନାଲରେ ପ୍ରବେଶ ସହ ମଧ୍ୟପ୍ରଦେଶରେ ହେବାକୁ ଥିବା ଆଗାମୀ ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ଭଲିବଲ୍କୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସର୍ବଭାରତୀୟସ୍ତରକୁ ଯୋଗ୍ୟତା ହାସଲ କରିଥିବାରୁ କିଟ୍ ଦଳକୁ ପ୍ରଫେସର ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ଶନିବାର ଉଦ୍‌ଯାପିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୩୯ ବିଶ୍ୱବିଦ୍ୟାଳୟର ୬୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି।

## ଭୂବାସିନୀ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା



ବାଲିପାଟଣା, ୮।୧୧(ସମିସ): ରାଜଧାନୀ ଉପକଣ୍ଠ ବାଲିପାଟଣା ବ୍ଲକ ପମ୍ପାଲ ଗ୍ରାମ ପଞ୍ଚାୟତ ୧୪ ନମ୍ବର୍ ୱାର୍ଡ କୁଳନ୍ତିରା ବାଗିଲରେ ଭୂବାସିନୀ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇଛି। ରାସ୍ତାଘାଟ ଆଲୋକୀକରଣ ପାଇଁ ସରକାରଙ୍କ ବିଭିନ୍ନ ଥିଲେ ବି ଏହି ଗ୍ରାମରେ ଯୋଜନା ପହଞ୍ଚି ପାରିନଥିଲା। ଫଳରେ ଗ୍ରାମଟି ଅନ୍ଧାରରେ ରହୁଥିଲା। ସନ୍ଧ୍ୟା ସମୟରେ ଲୋକଙ୍କଠାରୁ ଆରମ୍ଭ କରି ଟ୍ୟୁସନ ଯାଉଥିବା ଛାତ୍ରଛାତ୍ରୀ ଫେରିବାବେଳେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ମା'ଭୁବାସିନୀ ଚାରି ଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଏହାର ଅଧ୍ୟକ୍ଷ ପ୍ରିୟରଞ୍ଜନ ସ୍ୱାଇଁଙ୍କ ପ୍ରଚେଷ୍ଟାରେ ୫ଟି ଷ୍ଟ୍ରିଟ୍ ଲାଇଟ୍ ଲାଗିଛି। ଫଳରେ ଗ୍ରାମବାସୀ ଖୁସି ବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟରେ ଶ୍ରୀ ସ୍ୱାଇଁଙ୍କ ସହିତ ପ୍ରଦୀପ ଭୋଳ, ଶଙ୍କର ଭୋଳ, ସୁଶାନ୍ତ ଭୋଳ, ବିଶ୍ୱଜିତ୍ ଭୋଳ, ଜୀବନ ଜ୍ୟୋତି ପଣ୍ଡା ଓ ମା'ଭୁବାସିନୀ ଚାରି ଟେବୁଲ୍ ଟ୍ରଷ୍ଟର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଆକ୍ସନ ମୋଡ୍‌ରେ 'କ୍ରୁଟ୍'

# ମଦ୍ୟପ ଡ୍ରାଇଭର, କଣ୍ଡକ୍ଟର ବିଦା

- ଦୁର୍ବ୍ୟବହାର ଅଭିଯୋଗରେ ୨ ନିଲମ୍ବିତ
- ରାତାରାତି ସକ୍ରିୟ ହେଲା ଏନ୍‌ଫୋର୍ସମେଣ୍ଟ ଟିମ୍



ଭୁବନେଶ୍ୱର, ୮।୧୧(ସମିସ): ମଦ ପିଇବା ଅଭିଯୋଗରେ ବିଦା ହେଲେ 'ମୋ ବସ୍' ଡ୍ରାଇଭର ଓ କଣ୍ଡକ୍ଟର। ବିଦା ହୋଇଥିବା ଡ୍ରାଇଭର ହେଲେ ଅନାଦି ନାଥ ଏବଂ କଣ୍ଡକ୍ଟର ଅରବିନ୍ଦ ଜେନା। ଏମାନଙ୍କ ଏଭଳି କାରନାମା ଯୋଗୁଁ ଉଭୟ ବସ୍ ଭିତରେ ଓ ରାସ୍ତାରେ ଯାଉଥିବା ଲୋକେ ବିପଦରେ ପଡୁଛନ୍ତି। ଯାହାଫଳରେ କ୍ରୁଟ୍ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସେହିପରି ବିଶୃଙ୍ଖଳିତ ଆଚରଣ ଅଭିଯୋଗରେ ଆଉ ଜଣେ ଡ୍ରାଇଭର ଏବଂ କଣ୍ଡକ୍ଟରଙ୍କୁ ନିଲମ୍ବିତ କରାଯାଇଛି। ସେମାନଙ୍କ ନିଲମ୍ବନ ଦୁଇ ମାସ ପର୍ଯ୍ୟନ୍ତ ବଳବତ୍ତର ରହିବ।

କ୍ରୁଟ୍ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଅନାଦି ଡ୍ୟୁଟି ସମୟରେ ମଦ୍ୟପାନ କରି 'ମୋ ବସ୍' ଚଳାଉଥିଲେ। ଗୁରୁବାର ରାତିରେ କ୍ରୁଟ୍‌ର ଏନ୍‌ଫୋର୍ସମେଣ୍ଟ ଟିମ୍ ବିଭିନ୍ନ ବସ୍ ଡିପୋରେ ଚେକିଂ କରୁଥିଲା। ପଟିଆ ଡିପୋକୁ ଏକ ବସ ପ୍ରବେଶ କଲାବେଳେ ଉଭୟ ଡ୍ରାଇଭର ଏବଂ କଣ୍ଡକ୍ଟରଙ୍କୁ ବ୍ରେଥ୍ ଆନାଲାଇଜରରେ ଯାଞ୍ଚ କରିବାବେଳେ ଉଭୟ ମଦ୍ୟପାନ କରିଥିବା ଜଣା ପଡ଼ିଥିଲା। ଫଳରେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଚାକିରିରୁ ବିଦା କରି ଦିଆଯାଇଛି। ମୋ ବସ୍ କର୍ମଚାରୀଙ୍କ ଏଭଳି କାରନାମା ରୋକିବାକୁ ଗୁରୁବାର ହାଇକୋର୍ଟ ନିର୍ଦ୍ଦେଶ ଦେବା ପରେ ରାତାରାତି କ୍ରୁଟ୍ ଆକ୍ସନ୍ ମୋଡ୍‌କୁ ଆସିଛି। ଏହାସହ ମୋଟ୍ ୪ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହାସହ ଦିନତମାମ କ୍ରୁଟ୍‌ର ସିଏମ୍‌ଡି ଏନ୍ ତିରୁମାଲା ନାୟକ ଦୈତନଗରୀରେ 'ମୋ ବସ୍'ଗୁଡ଼ିକୁ ଯାଞ୍ଚ କରିଥିଲେ। ନିୟମ ପାଳନ ହେଉଛି କି ନାହିଁ କ୍ରୁଟ୍ ଅଧିକାରୀଙ୍କ ସହ ମିଶି ତଦାରଖ କରିଥିଲେ।

ମୋ ବସ୍ ଡ୍ରାଇଭର ଏବଂ କର୍ମଚାରୀଙ୍କ ବ୍ୟବହାରରେ ଲୋକେ ଅତିଷ୍ଠ ହୋଇ ଅଭିଯାଗ କରୁଥିଲେ ବି କ୍ରୁଟ୍ ଗୁରୁତ୍ୱ ଦେଉନଥିଲା। ଏହାକୁ ଦୃଷ୍ଟିରେ ରଖି ଶେଷରେ ହାଇକୋର୍ଟଙ୍କୁ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ପଡ଼ିଲା। ହାଇକୋର୍ଟ ଏକ ମାମଲାର ଶୁଣାଣି କରୁଥିବା ବେଳେ ଡ୍ରାଇଭରଙ୍କ ମଦ ପିଇବା ପ୍ରସଙ୍ଗ ଉଠିଥିଲା। ତେବେ ଏଭଳି ଡ୍ରାଇଭରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାସହ ପ୍ରତ୍ୟେକ ଦିନ ଡ୍ରାଇଭରଙ୍କ ବ୍ରେଥ୍ ଆନାଲାଇଜର୍ ଟେଷ୍ଟ କରିବାକୁ କହିଥିଲେ।

ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଆକ୍ସନ୍ ମୋଡ୍‌କୁ ଆସିଛି କ୍ୟାପିଟାଲ ରିଜନ୍ ଅର୍ବାନ ଟ୍ରାନ୍‌ପୋର୍ଟ ବା କ୍ରୁଟ୍। କ୍ରୁଟର ଏନ୍‌ଫୋର୍ସମେଣ୍ଟ ଟିମ୍ ମଧ୍ୟ ରାତାରାତି ସକ୍ରିୟ ହୋଇଉଠିଛି। ଗୁରୁବାର ସନ୍ଧ୍ୟାରେ ନିର୍ଦ୍ଦେଶ ପାଇବା ପରେ ବିଭିନ୍ନ ବସ୍ ଡିପୋ ଗୁଡ଼ିକରେ ଚେକିଂ କରାଯାଇଥିଲା। କ୍ରୁଟ୍ ପକ୍ଷରୁ କୁହାଯାଇଛି ଯେ 'ମୋ ବସ୍' ଚଳାଚଳ ସୁରକ୍ଷା ନିୟମଗୁଡ଼ିକର କଡ଼ାକଡ଼ି ଯାଞ୍ଚ ହୋଇଛି। କୌଣସି ଡ୍ରାଇଭର ଯଦି ମଦ୍ୟପାନ କରି ଗାଡ଼ି ଚଳାଉଥିବାର ଜଣାପଡ଼େ, ତୁରନ୍ତ ସେମାନଙ୍କ ଡ୍ରାଇଭିଂ ଲାଇସେନ୍ସକୁ ୬ ମାସ ପର୍ଯ୍ୟନ୍ତ ରଦ୍ଦ କରାଯିବ। କେବଳ 'ମୋ ବସ୍' ନୁହେଁ ଚାକିରିରୁ ବାହାରି ଅନ୍ୟ କୌଣସି ସ୍ଥାନରେ ଗାଡ଼ି ଚାଳନା କରାଯିବାକୁ ସେମାନଙ୍କୁ ସରକାରଙ୍କ ପକ୍ଷରୁ ଅନୁମତି ଦିଆଯିବ ନାହିଁ। ଏଣିକି 'ମୋ ବସ୍' କର୍ମଚାରୀଙ୍କ ନିୟମିତ ମଦ୍ୟପାନ ପରୀକ୍ଷଣ, ସ୍ୱତନ୍ତ୍ର ଡ୍ରାଇଭର ତାଲିମ ପ୍ରୋଗ୍ରାମ, ଯାତ୍ରୀ ଓ ସହକର୍ମୀଙ୍କ ପ୍ରତି ଆଚରଣ ଓ ବ୍ୟବହାରଗତ ତାଲିମ ସହିତ କାର୍ଯ୍ୟସ୍ଥଳରେ ସ୍ୱତନ୍ତ୍ର ମନିଟରିଂ କରାଯିବାର ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବ।



ଆଗକୁ ଆ-କା-ମା-ବୈ...

# ବିନ୍ଦୁସାଗରରେ ଭାସିବ ୧୪ ଫୁଟ୍‌ର 'ହଂସ' ବୋଇତ

ଭୁବନେଶ୍ୱର, ୮।୧୧(ସମିସ)

ଆଉ କିଛି ଦିନ ପରେ ଶୁଭିବ 'ଆ କା ମା ବୈ... ପାନ ଗୁଆ ଥୋଇ, ପାନ ଗୁଆ ତୋର... ମାସକ ଧରମ ମୋର...'। ଏବେ ଚାଲିଛି ପବିତ୍ର କାର୍ତ୍ତିକ ମାସ। ଦିନ କେଇଟା ପରେ ଓଡିଆମାନେ ପାଳିବେ କାର୍ତ୍ତିକ ପୂର୍ଣ୍ଣିମା। ଦିନଟି ମନେ ପକାଏ ଓଡ଼ିଆ ଜାତିର ସ୍ୱର୍ଣ୍ଣିମ ଇତିହାସ ଏବଂ ପରମ୍ପରାର ଗାଥା। ଏହି ଦିନରେ ଆ କା ମା ବୈ... ଗୀତ ଗାଇ ଡଙ୍ଗା ଭସାଇବା ପରମ୍ପରାକୁ ବେଶ ଉତ୍ସାହର ସହ ଅପେକ୍ଷା କରିଥାନ୍ତି ସମସ୍ତେ। ସବୁଥର ପରି ଚଳିତବର୍ଷ ମଧ୍ୟ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। ସେଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। କାରିଗର ଡଙ୍ଗା ତିଆରି କାର୍ଯ୍ୟରେ ଲାଗିଗଲେଣି। କାଗଜ, ସୋଲ, କଦଳୀ ପାଟୁକାର ଭଳିକିଭଳି ଡଙ୍ଗା ତିଆରି କରୁଛନ୍ତି। ରଙ୍ଗବେରଙ୍ଗର କାଗଜ ସହ ଚୁମ୍‌କି, ଲେସ୍, ରଙ୍ଗ, ଜରି ଏବଂ ଛୋଟଛୋଟ ରଙ୍ଗୀନ ପଥରରେ କାରିଗରମାନେ ଡଙ୍ଗାକୁ ବେଶ୍ ଆକର୍ଷଣୀୟ ରୂପ ଦେଉଛନ୍ତି। ପ୍ରତିବର୍ଷ ଭଳି ଏଥର ମଧ୍ୟ ବିନ୍ଦୁସାଗରରେ ସବୁଠାରୁ ବଡ଼ ଡଙ୍ଗାଭାସିବ। ଏଥିପାଇଁ ପ୍ରସ୍ତୁତି ବି ପ୍ରସ୍ତୁତି ମଧ୍ୟ ଜୋରସୋର ଚାଲିଛି। ବିନ୍ଦୁସାଗରରେ ଚଳିତବର୍ଷ ଆକର୍ଷଣ ସାଜିବ ୧୪ ଫୁଟ୍ ଲମ୍ବର ସବୁଠାରୁ ବଡ଼ଡଙ୍ଗା। ଯାହାର ଉଚ୍ଚତା ୮ ଫୁଟ୍। ଏହାର ମୂଲ୍ୟ ୨୦ ହଜାର ଟଙ୍କା ରହିଛି ବୋଲି ଏହି ଡଙ୍ଗା ତିଆରି କରୁଥିବା କାରିଗର ହୃଷିକେଶ ବେହେରା କହିଛନ୍ତି। ପୁରୁଣା ଭୁବନେଶ୍ୱରସ୍ଥିତ ନାଳସାହିର କାରିଗର ହୃଷୀକେଶ ପ୍ରତ୍ୟେକବର୍ଷ ଭଳି ଏବର୍ଷ ଏହି ଡଙ୍ଗାକୁ ତିଆରି କରିବାରେ ଲାଗିଛନ୍ତି। ସେ କୁହନ୍ତି ଏହି କାର୍ଯ୍ୟ କରିବାକୁ ତାଙ୍କୁ ପାଖାପାଖି ୧୫ ଦିନ ସମୟ ଲାଗଥାଏ। ଡଙ୍ଗା କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ସେ ଏହାକୁ ଭୁବନେସ୍ୱର ସାଂସ୍କୃତିକ ପରଷଦକୁ ପୂର୍ଣ୍ଣମୀର ଦିନକ ଆଗରୁ ହସ୍ତାନ୍ତର କରିବେ। ବୋଇତର ଆକୃତିକୁ ନେଇ ସେ କୁହନ୍ତି ସମୁଦାୟ ତିନୋଟି ଆକୃତିର ସେ ଡଙ୍ଗା ତିଆରି କରିଥାନ୍ତି ଯଥା ମୟୂର, ହଂସ ଏବଂ ଚିଲ। ଗତବର୍ଷ ମୟୂର ଆକୃତି ହୋଇଥିଲାବେଳେ ଚଳିତବର୍ଷ ସେ ହଂସ ଆକୃତିର ବୋଇତ ତିଆରି କରୁଛନ୍ତି। ସେହି ବୋଇତରେ ବସିବା ପାଇଁ ସାତ ଭାଇଙ୍କ ମଡେଲ୍ ମଧ୍ୟ ତିଆରି ହେଉଛି। ଯାହା ନଡ଼ାରେ ପ୍ରସ୍ତୁତ କରାଯାଉଛି। ସେ ୨୦୦୫ ମସିହାରୁ ଏହିଭଳି ପ୍ରତିବର୍ଷ ବିନ୍ଦୁସାଗରରେ ଭସାଇବାକୁ ଡଙ୍ଗା ତିଆରି କରୁଛନ୍ତି। ଏହି କାମରେ ତାଙ୍କୁ ସୌଦାମିନି ସାମଲ ସାହାଯ୍ୟ କରିଥାନ୍ତି। ବିନ୍ଦୁ ସାଗରରେ ବୋଇତ ବନ୍ଦାଣ କାର୍ଯ୍ୟ ସରିଲା ପରେ କାରଗିଗର ଦୁଇଦିନ ପରେ ପାଣିରୁ ଆଣି ଡଙ୍ଗାକୁ କିଛିଦିନ ପର୍ଯ୍ୟନ୍ତ ଲୋକ ଦେଖିବା ପାଇଁ ରଖିଥାନ୍ତି। ପରେ ତାକୁ ଭାଙ୍ଗି ଦିଆଯାଏ। ପରମ୍ପରା ଅନୁଯାୟୀ ପ୍ରତିବର୍ଷ ନୂଆ ଡଙ୍ଗା ହିଁ ବିନ୍ଦୁସାଗରରେ ଭସାଯାଇଥାଏ।



## ଚନ୍ଦ୍ରଶେଖରପୁର ପାଇଁ ୭ ଫୁଟ୍‌ର ଡଙ୍ଗା।

ବିନ୍ଦୁସାଗର ପରି ଚନ୍ଦ୍ରଶେଖରପୁର ଜଳାଶୟରେ ବୋଇତ ବନ୍ଦାଣ ପାଇଁ ମଧ୍ୟ ହୃଷୀକେଶ ଆଉ ଏକ ୫ ଫୁଟ୍ ଉଚ୍ଚତା ଓ ୭ ଫୁଟ୍ ଲମ୍ବର ଡଙ୍ଗା ତିଆରି କରୁଛନ୍ତି। ଯାହାର ମୂଲ୍ୟ ୧୩ ହଜାର ଟଙ୍କା ରହିଛି। ବାଉଁଶ ଓ ସୋଲରେ ତିଆରି ହେଉଥିବା ଏହି ଡଙ୍ଗାରେ କଣ୍ଟା, କାଗଜ, ଝୁଡ଼ି, ପାଲ ଆଦି ବ୍ୟବହାର କରାଯାଇଛି। ଏହି ଡଙ୍ଗା ଚନ୍ଦ୍ରଶେଖରପୁର ବୋଇତ ବନ୍ଦାଣ କମିଟି ପକ୍ଷରୁ ବରାଦ ଦିଆଯାଇଥାଏ। ଏ ସମ୍ପର୍କରେ ହୃଷୀକେଶ କହିଛନ୍ତି ୧୫ ଦିନ ଆଗରୁ ତାଙ୍କୁ ଡଙ୍ଗା ପାଇଁ ବରାଦ ଆସିଥାଏ। ବରାଦ ଆସିବାମାତ୍ରେ ସେ ସୋଲ ବାଉଁଶ କିଣି କାମ ଆରମ୍ଭ କରି ଦିଅନ୍ତି। ସୋଲର ମୂଲ୍ୟ ୮୦ ଟଙ୍କା ଥିବାବେଳେ ବାଉଁଶ ପିଛା ୨୫୦ ଟଙ୍କା ଖର୍ଚ୍ଚ କରିଥାନ୍ତି।

## ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲା ଅନୁସୂଚିତ ଜନଜାତି ଓ ଜାତି ରୋଷେୟା ସେବାୟତ ମହାସଂଘ



ଭୁବନେଶ୍ୱର, ୮।୧୧(ସମିସ): ବିଭିନ୍ନ ଦାବି ନେଇ ଓଡ଼ିଶା ଅନୁସୂଚିତ ଜନଜାତି ଓ ଜାତି ରୋଷେୟା ସେବାୟତ ମହାସଂଘ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଭେଟି ୮ ଦଫା ଦାବି ନେଇ ଆଲୋଚନା କରିଛି। ସଂଘର ରାଜ୍ୟ ଆବାହକ ଦିଗମ୍ବର ଜେନାଙ୍କ ନେତୃତ୍ୱରେ ଓଡ଼ିଶାର ୩୦ଟି ଜିଲ୍ଲାରୁ କର୍ମକର୍ତ୍ତା ସାମିଲ୍ ହୋଇଥିଲେ। ମହାସଂଘର ରାଜ୍ୟ ସଭାନେତ୍ରୀ ଦ୍ରୌପଦୀ ମୁଣ୍ଡା ଯୋଗଦେଇ ଆଲୋଚନା କରିଥିଲେ। ଦାବିଗୁଡ଼ିକ ମଧ୍ୟରେ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଜାତି ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟ ଗୁଡ଼ିକର ଛାତ୍ରୀନିବାସମାନଙ୍କରେ ରୋଷେୟା ତଥା ସେବାୟତମାନଙ୍କୁ ନିୟମିତ କରାଯିବା, ମାସିକ ବେତନ ୧୮ ହଜାର ଟଙ୍କା ପ୍ରଦାନ, ରୋଷେୟାଙ୍କ ପାଇଁ ଇପିଏଫ୍ ବ୍ୟବସ୍ଥା, +୨ ପାସ୍ କରିଥିବା ପ୍ରାର୍ଥୀଙ୍କୁ ସିଟି ତାଲିମ୍ ଏବଂ କନିଷ୍ଠ ମେଟ୍ରନ ନିଯୁକ୍ତି ଦେବା, ଚାକିରି ସମୟରେ ଆକସ୍ମିକ ଦୁର୍ଘଟଣା ଘଟିଲେ ପରିବାରଙ୍କୁ ଅନୁକମ୍ପାମୂଳକ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ଆଦି ଦାବି ଉପସ୍ଥାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାନେତ୍ରୀ ସବିତା ମାଝୀ, ସାଧାରଣ ସମ୍ପାଦିକା ରୀନା ମୁର୍ମୁ ଏବଂ କାଳିଆ ଦିଗଲ, ନିର୍ମଳା ଲାକ୍ରା, କୁମାରୀ ପ୍ରଧାନ ପ୍ରମୁଖ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସେମାନଙ୍କର ଦାବିପତ୍ର ପ୍ରଦାନ କରିଥିଲେ।

## 'ସାମ୍ବାଦିକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବା ଜରୁରୀ'



ଭୁବନେଶ୍ୱର, ୮।୧୧(ସମିସ): ପୃଥିବୀର କୋଣ ଅନୁକୋଣରେ ଘଟୁଥିବା ପ୍ରତ୍ୟେକ କାର୍ଯ୍ୟକଳାପକୁ ଲୋକମାନଙ୍କ ପାଖରେ ପହଞ୍ଚାଇ ସେମାନଙ୍କୁ ସଚେତନ ଓ ସତର୍କ କରିବାରେ ଗଣମାଧ୍ୟମ ଓ ସାମ୍ବାଦିକଙ୍କ ଭୂମିକା ଅଗ୍ରଗଣ୍ୟ। ବିଶ୍ୱର ସଙ୍କଟ ଓ ଜରୁରୀ ସମୟରେ ଲୋକଙ୍କ ସାହାଭରସା ହୋଇ ଛିଡ଼ା ହୋଇଥାଏ ଗଣମାଧ୍ୟମ। ତେଣୁ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସମାଜର ପ୍ରତ୍ୟେକ ବର୍ଗ ଗୁରୁତ୍ୱ ଦେବା ଜରୁରୀ। ଭୁବନେଶ୍ୱରରୁ ପ୍ରକାଶିତ ପାକ୍ଷିକ ସମ୍ବାଦପତ୍ର 'ଅରଭାନୀ ସମୟ' ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ସାମ୍ବାଦିକ ବିରୋଧୀ ଅପରାଧ ଦଣ୍ଡ ମୁକ୍ତ ଅନ୍ତ ଦିବସ-୨୦୨୪ ପାଳନ ଅବସରରେ ଏହି ମତପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁମ୍ବାଇ ଓଡ଼ିଆ ସମାଜର ସଭାପତି ଡ. ବିପିନ ବିହାରୀ ମିଶ୍ର କହିଥିଲେ ଯେ, ବିଭିନ୍ନ ସମସ୍ୟାର ଆଶୁ ସମାଧାନର ରାସ୍ତା ସୁଗମ କରୁଥିବା ସାମ୍ବାଦିକଙ୍କ ସୁରକ୍ଷାକୁ ନେଇ କେହି ଚିନ୍ତିତ ନୁହନ୍ତି। ବରିଷ୍ଠ ସ୍ତମ୍ଭକାର ତଥା ସାମ୍ବାଦିକ ଡ. ସାରଦା ପ୍ରସାଦ କର, ସମାଜସେବୀ ଶଶଧର ପଣ୍ଡା ପ୍ରମୁଖ ଯୋଗଦେଇ ବନ୍ୟା ବାତ୍ୟା ସମୟରେ ତୃଣମୂଳସ୍ତରରେ ପହଞ୍ଚି ସାମ୍ବାଦିକମାନେ ଯେଉଁ ସାହସ ଓ ନିର୍ଭୀକତା ସହ ଖବର ପ୍ରେରଣ କରନ୍ତି ସେଥିପ୍ରତି ସମସ୍ତେ ଧ୍ୟାନ ଦେବା ସହ ସେମାନଙ୍କର ସୁରକ୍ଷା ଉପରେ ଗୁରୁତ୍ୱ ଦେବାକୁ ସେ ଆହ୍ୱାନ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅରଭାନୀ ସମୟର ଉପଦେଷ୍ଟା ଇନ୍ଦିରା ମିଶ୍ର, ଭାଷା ଆନ୍ଦୋଳନର ଆବାହକ ପବିତ୍ର ମହାରଥା, ସମାଜସେବିକା ଜ୍ୟୋତ୍ସ୍ନା ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ୮ ଦଫା ଦାବି ଜଣାଇଲା ଓଡ଼ିଶା ଏସ୍‌ଏଚ୍‌ଜି ମହିଳା ମହାସଂଘ




ଭୁବନେଶ୍ୱର, ୮।୧୧(ସମିସ): ଓଡ଼ିଶା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମହାସଂଘର କର୍ମକର୍ତ୍ତା ବିଭିନ୍ନ ସମସ୍ୟା ଦେଇ ଗତି କରି ସ୍ୱୟଂ ସହାୟକ ଗୋଷ୍ଠୀ ଚଲାଇ ଆସୁଛନ୍ତି। କିନ୍ତୁ ଆଜି ଯାଏ କେବଳ ବ୍ୟାଙ୍କ ଋଣ ଆଦାନ ପ୍ରଦାନ ବ୍ୟତୀତ କୌଣସି ଏସ୍‌ଏଚ୍‌ଜି ସଦସ୍ୟାଙ୍କର ଆର୍ଥିକ କିମ୍ବା ସାମାଜିକ ଉନ୍ନତି ହୋଇପାରିନାହିଁ। ସରକାର ମିଶନଶକ୍ତି ମାଧ୍ୟମରେ ମଞ୍ଚ କମିଟି ସିଏଲ୍‌ଏଫ୍, ଜିପିଏଲ୍‌ଏଫ୍ ଇତ୍ୟାଦି ଗଠନ କରି ମହିଳାଙ୍କ ସ୍ୱାଧୀନତା କ୍ଷୁଣ୍ଣ କରୁଛନ୍ତି ବୋଲି ଓଡ଼ିଶା ସ୍ୱୟଂ ସହାୟିକା ଗୋଷ୍ଠୀ ତରଫରୁ କୁହାଯାଇଛି। ଏ ନେଇ ସଂଘ ତରଫରୁ ୮ଟି ଦାବି ଉପସ୍ଥାପନା କରାଯାଇଛି। ଗୋଷ୍ଠୀର ସମସ୍ତ ସଦସ୍ୟାଙ୍କୁ ଭତ୍ତା ପ୍ରଦାନ, ମିଶନ ଶକ୍ତିର ଆଞ୍ଚଳିକ କମିଟି ଓ ବ୍ଲକ କମିଟି ନିର୍ବାଚନ କରି ନୂଆ କମିଟି ଗଠନ, ଗ୍ରୁପର ସଭାପତି ଓ ସମ୍ପାଦିକାଙ୍କ ସ୍ୱାଧୀନତା କ୍ଷୁର୍ଣ୍ଣ ନକରି ଗ୍ରେଡେସନ ପ୍ରଦାନ, ଗ୍ରୁପରେ ମନମୁଖୀ ଶାସନ ନକରିବା ଭଳି ୮ଟି ଦାବି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପସ୍ଥାପନ କରାଯାଇଛି।

## ଜାତୀୟ ଦୃଷ୍ଟିହୀନ ଚେସ୍: ଓଡ଼ିଶାର ବିଜୟ ଅଭିଯାନ

ଭୁବନେଶ୍ୱର, ୮।୧୧(ସମିସ): ଗୁଜରାଟର ଅହମ୍ମଦାବାଦ୍‌ରେ ଶୁକ୍ରବାର ଆରମ୍ଭ ହୋଇଥିବା ଏଆଇସିଏଫ୍‌ବି ଜାତୀୟ ଦୃଷ୍ଟିହୀନ ଚେସ୍ ପ୍ରତିଯୋଗିତା। ଏଥିରେ ଓଡ଼ିଶା ଦଳ ପ୍ରଥମ ରାଉଣ୍ଡରେ ମଧ୍ୟପ୍ରଦେଶକୁ ପରାସ୍ତ କରି ପ୍ରଭାବି ବିଜୟ ହାସଲ କରିଛି। ଓଡ଼ିଶା ପକ୍ଷରୁ ସୌନ୍ଦର୍ଯ୍ୟ କୁମାର ପ୍ରଧାନ, ଶୁଭେନ୍ଦୁ କୁମାର ପାତ୍ର, ପ୍ରାଚୁର୍ଯ୍ୟ କୁମାର ପ୍ରଧାନ ଓ ପ୍ରାଚୀପ୍ରଜ୍ଞା ସାହୁ ବିଜୟ ହାସଲ କରିଛନ୍ତି।

କଳିଙ୍ଗ ପୁସ୍ତକ ମେଳା ଉଦ୍‌ଘାଟିତ

## ଲେଖକ, ପ୍ରକାଶକ ଓ ପାଠକଙ୍କ ସମାଗମ




ଭୁବନେଶ୍ୱର, ୮।୧୧(ସମିସ): ୨୭ତମ କଳିଙ୍ଗ ପୁସ୍ତକ ମେଳା-୨୦୨୪ ଶୁକ୍ରବାର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୁସ୍ତକ ମେଳା କମିଟିର ସମ୍ପାଦିକା ରେଣୁକା ମିଶ୍ର, ବରିଷ୍ଠ ସାମ୍ବାଦିକ ସନତ ମିଶ୍ର ଉଦ୍‌ଘାଟନ କରିଛନ୍ତି। ଶ୍ରୀମତୀ ମିଶ୍ର କହିଛନ୍ତି ଯେ, ବର୍ତ୍ତମାନ ଡିଜିଟାଲ ଯୁଗରେ ମଧ୍ୟ ଲୋକଙ୍କ ମନରେ ପୁସ୍ତକର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। କଳିଙ୍ଗ ପୁସ୍ତକ ମେଳା ପାଠକ, ପ୍ରକାଶକ ଓ ଲେଖକ ଲେଖିକାଙ୍କ ପ୍ରତି ଥିବା ସେହି ସ୍ୱତନ୍ତ୍ରତାକୁ ବଜାୟ ରଖିବାକୁ ନିରନ୍ତର ଭାବେ ଉଦ୍ୟମ ଜାରି ରଖିଛି। ଚଳିତ ବର୍ଷ ପୁସ୍ତକ ବ୍ୟବସାୟ ପ୍ରାୟ ୪କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି ସେ ଆଶାବାଦୀ ଅଛନ୍ତି। ଏଥର ପୁସ୍ତକ ମେଳାରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ପୁସ୍ତକ ବିକ୍ରେତା, ବିତରକ, ପ୍ରକାଶକ ଅଂଶଗ୍ରହଣ କରିଛନ୍ତି। ଏହାସହ ପିଲାମାନଙ୍କ ଖେଳକୁଦ ପାଇଁ ଗେମିଂ ଜୋନ୍ ସାଙ୍ଗକୁ ବିଭିନ୍ନ ସୁସ୍ୱାଦୁ ଖାଦ୍ୟକୁ ନେଇ ଫୁଡ୍‌କୋର୍ଟର ବ୍ୟବସ୍ଥା ରହିଛି। ଶିକ୍ଷାନୁଷ୍ଠାନ ସମ୍ବନ୍ଧୀୟ ଅନୁଷ୍ଠାନମାନେ ମଧ୍ୟ ନିଜର ପ୍ରଚାର ପ୍ରସାର ନିମନ୍ତେ ଅଂଶଗ୍ରହଣ କରିଛନ୍ତି। ନଭେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ୧୦ଦିନ ଚାଲିବାକୁ ଥିବା ଏହି ପୁସ୍ତକମେଳାରେ ବିଭିନ୍ନ ପ୍ରତିଯୋଗିତାମୂଳକ ପୁସ୍ତକଠାରୁ ଆରମ୍ଭ କରି ଗଳ୍ପ, ଉପନ୍ୟାସ, କବିତା ପୁସ୍ତକ ସମେତ ଧର୍ମ ଗ୍ରନ୍ଥ ଉପଲବ୍ଧ ରହିଛି। ପୁସ୍ତକ ମେଳା ପରିସରରେ ରହିଥିବା ସାଂସ୍କୃତିକ ମଞ୍ଚରେ ପ୍ରତି ସନ୍ଧ୍ୟାରେ ପୁସ୍ତକ ଉନ୍ମୋଚନ ସାଙ୍ଗକୁ ସାହିତ୍ୟ ଓ ସମ୍ବର୍ଦ୍ଧନା ସଭା, ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆଦି କରାଯିବ। ପ୍ରତ୍ୟେକ ଦିନ ଅପରାହ୍ନ ୨ ଟାରୁ ରାତି ୯ ଟା ପର୍ଯ୍ୟନ୍ତ ଏହି ମେଳା ସର୍ବସାଧାରଣଙ୍କ ନିମନ୍ତେ ଖୋଲା ରହିବ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## 'ଜାତୀୟ ପରିଚୟ ସାହିତ୍ୟ ଉତ୍ସବ' ଉଦ୍‌ଘାଟିତ



ଭୁବନେଶ୍ୱର, ୮।୧୧(ସମିସ): ପ୍ରୟାସ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ତିନିଦିନିଆ 'ଜାତୀୟ ପରିଚୟ ସାହିତ୍ୟ ମହୋତ୍ସବ' ଆରମ୍ଭ ହୋଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ଡ. ରୋଜାଲିନି ପାଟଶାଣୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବର ଉଦ୍‌ଘାଟନୀ ଦିବସରେ ଅତିଥି ଭାବେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ପ୍ରୟାସ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଉତ୍ସବର ପ୍ରାରମ୍ଭରେ ଦକ୍ଷିଣ କୋରିଆ ଓ ଭିଏତନାମ୍ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ ରାଜ୍ୟ ତଥା ଦେଶର ସ୍ୱୀକୃତିପ୍ରାପ୍ତ ଭାରତୀୟ ଭାଷାରୁ ୨୩ ଗୋଟି ଭାଷାର କବି, ଲେଖକ, ଗାଳ୍ପିକ, ଅନୁବାଦକ ଓ ସମାଲୋଚକ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ପରିଚୟ ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ ହେବା ସହ ବିଭିନ୍ନ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଛନ୍ତି। ଶେଷରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

ମନରେଗା ମଜୁରି ବୃଦ୍ଧି, ବାର୍ଷିକ ୨୦୦ ଦିନ କାମ ଦାବି

## କ୍ଷେତ ମଜଦୁର ୟୁନିଅନର ଆନ୍ଦୋଳନ ୨୪ରୁ




ଭୁବନେଶ୍ୱର, ୮।୧୧(ସମିସ): ବିକଶିତ ଓଡ଼ିଶାର ଦ୍ୱାହିଦେଇ ଡବଲ ଇଞ୍ଜିନ ବିଜେପି ସରକାର ଓଡ଼ିଶାର ଦାରିଦ୍ର୍ୟ, ବେରୋଜଗାରୀ ଓ ଅନାହାର ମୃତ୍ୟୁ ଘଟଣାରେ ମୂକ ଦର୍ଶକ ସାଜିଥିବା ଦର୍ଶାଇ ଭାରତୀୟ କ୍ଷେତ ମଜଦୁର ୟୁନିଅନର ରାଜ୍ୟ ପରିଷଦ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ଏଥି ସହିତ କନ୍ଧମାଳ ଜିଲ୍ଲାରେ ଦୈନିକ କାମଧନ୍ଦା ନ ପାଇ ଗରିବ ଆଦିବାସୀ ପରିବାର ଆମ୍ବଟାକୁଆ ଜାଉ ଖାଇ ମୃତ୍ୟୁବରଣ କରିବା ଘଟଣାରେ ବିଜେପି ସରକାରକୁ ଗରିବ ହତ୍ୟାକାରୀ ଆଖ୍ୟା ଦିଆଯାଇଛି। ମହାତ୍ମା ଗାନ୍ଧୀ ଗ୍ରାମୀଣ କର୍ମନିଯୁକ୍ତି ଗ୍ୟାରେଣ୍ଟି ଯୋଜନାରେ ବାର୍ଷିକ ୨୦୦ ଦିନ କାମ, ମନରେଗାରେ ଦୈନିକ ୮ଘଣ୍ଟାର କାମ ସହ ମଜୁରି ଏକ ହଜାର ଟଙ୍କାକୁ ବୃଦ୍ଧି କରିବା, ଅତ୍ୟାବଶ୍ୟକୀୟ ସାମଗ୍ରୀର ଆକାଶଛୁଆଁ ଦର ବୃଦ୍ଧି ବନ୍ଦ କରିବା, କ୍ଷୁଦ୍ର ଓ ମଧ୍ୟବିତ୍ତ କୃଷକର କୃଷି କାର୍ଯ୍ୟକୁ ଏମ୍‌ଏନ୍‌ଆରଇଜିଏ ଅନ୍ତର୍ଭୁକ୍ତ କରାଇବା, ଭୂମିହୀନ କ୍ଷେତ ମଜଦୁରକୁ ଘର ଡିହ ପଟ୍ଟା ପ୍ରଦାନ, ଗୃହ ନିର୍ମାଣ ପାଇଁ ଆବାସ ଯୋଜନା ଗୃହ ନିର୍ମାଣ ମଞ୍ଜୁରି ୬ଲକ୍ଷକୁ ବୃଦ୍ଧି କରିବା, ବାର୍ଦ୍ଧକ୍ୟ ଭତ୍ତା ମାସିକ ୫ ହଜାର ଟଙ୍କାକୁ ବୃଦ୍ଧି କରିବା ଇତ୍ୟାଦି ଦାବିରେ ଆଗାମୀ ୨୪ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ବ୍ଲକସ୍ତରୀୟ ଆନ୍ଦୋଳନ ପାଇଁ ବିକେଏମ୍‌ୟୁ ରାଜ୍ୟ କମିଟି ତରଫରୁ ଆହ୍ୱାନ ଦିଆଯାଇଛି। ଭଗବତୀ ଭବନଠାରେ ଆୟୋଜିତ ଏହି ବୈଠକରେ ରାଜ୍ୟ ସଭାପତି ଜନ୍ମ ସୁବାସ ଚନ୍ଦ୍ର ରାଓଙ୍କ ଅଧ୍ୟକ୍ଷତା କରିଥିଲେ। ସଭାରେ ରାଜ୍ୟ ସମ୍ପାଦକ ସୁର ଜେନା ବିବରଣୀ ଉପସ୍ଥାପନ କରିଥିବାବେଳେ ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ବିକେଏମ୍‌ୟୁ ରାଜ୍ୟ ସହସମ୍ପାକ ଶଙ୍କର ବାରିକ, ବିଦ୍ୟାଧର ମହାଜ, ତ୍ରୈଲୋକ୍ୟ ନାଥ, ଯତିନ ପାତ୍ର, ଗୁରୁନାଥ ପ୍ରଧାନ, ରବି ରଥ, ସର୍ବେଶ୍ୱର ମାର୍ଥା, ଶରତ ସ୍ୱାଇଁ, ଛେତମ୍ବର ଭୋଇ ଓ ଉଗ୍ରସେନ ଦାସ ଏହି ବୈଠକରେ ଉପସ୍ଥିତ ଥିଲେ।

ପ୍ରଦ୍ୟୁମ୍ନ ବଳଙ୍କ ୯୨ ତମ ଜୟନ୍ତୀ ସମାରୋହ

## ନିରପେକ୍ଷତା ଓ ସତ୍ୟନିଷ୍ଠତା ନ ରହିଲେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭୁଶୁଡ଼ି ପଡ଼ିବ

ଭୁବନେଶ୍ୱର, ୮।୧୧(ସମିସ): ନିରପେକ୍ଷତା, ସତ୍ୟନିଷ୍ଠତା, ନିର୍ଭୀକତା ଓ ସ୍ୱଚ୍ଛତା ନରହିଲେ, ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭୁଶୁଡ଼ି ପଡ଼ିବ। ପ୍ରଦ୍ୟୁମ୍ନ ବଳଙ୍କ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

'ପ୍ରଗତିବାଦୀ' ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳଙ୍କ ୯୨ ତମ ଜୟନ୍ତୀ ସମାରୋହ ଓ ପ୍ରଗତିବାଦୀର ବାର୍ଷିକଉତ୍ସବର ଦ୍ୱିତୀୟ ଦିବସରେ ଶୁକ୍ରବାର ପ୍ରଥମ ଅଧିବେଶନକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଧନେଶ୍ୱର ସାହୁ, ସମ୍ମାନିତ ଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ଓ ପୂର୍ବତନ ସାଂସଦ ଡକ୍ଟର ଅଚ୍ୟୁତ ସାମନ୍ତ ଯୋଗ ଦେଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜୟନ୍ତୀ କମିଟି ଅଧ୍ୟକ୍ଷ ଡକ୍ଟର ଗିରିଧର ଗମାଙ୍ଗଙ୍କ ସଭାପତିତ୍ୱରେ ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଥମ ଅଧିବେଶନ ଅବସରରେ ରାଷ୍ଟ୍ରପତି ଓ ଓଡ଼ିଶାର ରାଜ୍ୟପାଳଙ୍କ ବାର୍ତ୍ତା ପାଠ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ପ୍ରଫେସର ମଣୀନ୍ଦ୍ର କୁମାର ମେହେର ସଭାପତିତ୍ୱ କରିଥିଲେ। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଓ ପୂର୍ବତନ ବିଧାୟକ ଅମର ଶତପଥୀ ଓ ପ୍ରଫେସର ସଂଘମିତ୍ରା ମିଶ୍ର ଯଥାକ୍ରମେ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଓ ବିଶିଷ୍ଟ ଅତିଥିଭାବେ ଯୋଗ ଦେଇଥିଲେ। ଏହାପରେ ଜନଆନ୍ଦୋଳନ ଅଧିବେଶନ ଡାକ୍ତର ବିଶ୍ୱଜିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ନ୍ୟାୟମୂର୍ତ୍ତି ମନୋରଞ୍ଜନ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଡକ୍ଟର ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। ଏହାଛଡ଼ା ସମ୍ମାନିତ ବକ୍ତାଭାବେ ଏନ ନାରାୟଣ ରେଡ୍ଡୀ, ସୁଶ୍ରୀ ସଂଘମିତ୍ରା ଜେନା, ମିହିର ପ୍ରତାପ ଦାସ, ଚନ୍ଦନ ପାଲ ଓ ଡକ୍ଟର ପୂର୍ଣ୍ଣଚନ୍ଦ୍ର ଦାଶ ଯୋଗଦାନ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ସ୍ପୋର୍ଟ୍ସ କନକ୍ଲେଭରେ ବିଶିଷ୍ଟ କ୍ରିକେଟ କୋଚ କିଶୋର ମାଣିଆ, ବରିଷ୍ଠ ସାମ୍ବାଦିକ କେ ରବି, ସନ୍ଦୀପ ମିଶ୍ର ଯୋଗଦାନ କରିଥିଲେ। ଏହି ଅଧିବେଶନ ଅବସରରେ ପାରା ଆଥଲେଟ ସୁଚିତ୍ରା ପରିଡ଼ାଙ୍କୁ ପ୍ରଦ୍ୟୁମ୍ନ ବଳ ବ୍ୟକ୍ତିତ୍ୱ ସମ୍ମାନରେ ସମ୍ମାନିତ କରାଯାଇଥିଲା।



